ବର୍ଷ-୨୪, ସଂଖ୍ୟା-୮୯
ଭୁବନେଶ୍ୱର
୧୬ ଏପ୍ରିଲ, ୨୦୨୪ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 89
Bhubaneswar
16 April, 2024, Tuesday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ହାଇଦ୍ରାବାଦର ରେକର୍ଡ

ଓଭରବ୍ରିଜରୁ ଖସିଲା ବସ୍, ୫ ମୃତ

ଯାଜପୁର,୧୫।୪(ମହାଭାରତ): ଯାଜପୁରରେ ବଡ଼ଧରଣର ବସ୍ ଦୁର୍ଘଟଣା ଘଟିଛି। ଏନ୍ଏଚ୍-୧୬ର କୁଆଖିଆ ନିକଟ ବାରବାଟୀ ଛକଠାରେ ଓଭରବ୍ରିଜରୁ ୨୦ ଫୁଟ ତଳକୁ ଖସି ପଡ଼ିଛି। ଗୋଟିଏ ଯାତ୍ରୀବାହୀ ବସ୍ ବସ୍‌ଟି ପୁରୀରୁ ହଳଦିଆ ଯାଉଥିଲା ବେଳେ ଏପରି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏଥିରେ ୫ ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଥିବା ବେଳେ ୪୦ ଜଣ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଗୁରୁତର ଥିବା ୨୧ ଜଣଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମୃତକଙ୍କ ମଧ୍ୟରେ ୪ ଜଣ ପୁରୁଷ ଓ ଜଣେ ମହିଳା ରହିଛନ୍ତି। ପ୍ରାଥମିକ ଅବସ୍ଥାରେ ଆହତ ଯାତ୍ରୀମାନଙ୍କୁ ଧର୍ମଶାଳା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ପରେ ଗୁରୁତରମାନଙ୍କୁ କଟକ ସ୍ଥାନାନ୍ତର କରାଯାଉଛି। ବସ୍‌କୁ କଟାଯାଇ ଆହତଙ୍କୁ ଉଦ୍ଧାର

କରାଯାଇଥିଲା। ନିଜେ ସିଡିଏମ ଓ ଗୋଟିଏ ଟିମ ସହ ଦୁର୍ଘଟଣାସ୍ଥଳକୁ ଆସିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଦୁଃଖପ୍ରକାଶ କରିବା ସହ ମୃତକଙ୍କ ପରିବାରବର୍ଗଙ୍କୁ ୩ ଲକ୍ଷ ଲେଖାଏଁ ଅନୁକମ୍ପା ରାଶି ଘୋଷଣା କରିଛନ୍ତି। ସେହିପରି ଆହତଙ୍କ ଉପଯୁକ୍ତ ଚିକିତ୍ସା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଖବର ପାଇ ତୁରନ୍ତ ପୁଲିସ୍ ଓ ଉଦ୍ଧାରକାରୀ ଟିମ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି। ଆହତଙ୍କୁ ସ୍ଥାନାନ୍ତର ପାଇଁ ୧୬ ଟି ଆମ୍ବୁଲାନ୍ସ ନିୟୋଜିତ କରାଯାଇଛି। ବସ୍‌କୁ ଉଠାଇବାକୁ ୬ କ୍ରେନ୍ ଅଣାଯାଇଛି। ସେମାନଙ୍କୁ ସାଧାରଣ ଲୋକ ମଧ୍ୟ ଉଦ୍ଧାରରେ ସହାୟତା କରିଛନ୍ତି। ଘଟଣାସ୍ଥଳରେ ଜିଲ୍ଲା ଏସ୍‌ପି ପହଞ୍ଚିଛନ୍ତି। ପ୍ରାଥମିକ ଅବସ୍ଥାରେ ଆହତ ଯାତ୍ରୀମାନଙ୍କୁ ଧର୍ମଶାଳା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେହିପରି ଦୁର୍ଘଟଣା ଗ୍ରସ୍ତ ବସ୍ ମଧ୍ୟ ଓ ଏହାର ତଳେ ଆଉ କିଛି ଲୋକ ଫସି ରହିଥିବା ଆଶଙ୍କା କରାଯାଉଛି। ଉଦ୍ଧାରକାରୀ ଦଳ ବସ୍‌କୁ ଯାଞ୍ଚ କରୁଛନ୍ତି। ବସ୍‌ଟି ତଳକୁ ଖସିଲା ବେଳେ ଏହା ତଳେ ଲୋକମାନେ ଯିବା ଆସିବା କରୁଥିଲେ। ସେହିପରି ନିକଟରେ ଗୋଟିଏ ମାର୍କେଟ ରହିଛି। ତେଣୁ ବସ୍ ତଳେ କିଛି ଲୋକ ଚାପି ହୋଇ ରହିଥିବା ସନ୍ଦେହ କରାଯାଉଛି।

ବସ୍‌ଟି ଓଭରବ୍ରିଜ୍‌ରୁ ତଳକୁ ଖସି ପଡ଼ିଥିଲେ ହେଁ କେଉଁଭଳି ପରିସ୍ଥିତିରେ ଏପରି ଘଟଣା ଘଟିଲା ସେକଥା ଜଣାପଡ଼ିନାହିଁ। କୁହାଯାଉଛି ଯେ ଗାଡ଼ିର ବେଗ ଅଧିକ ଥିବାରୁ ଡ୍ରାଇଭର ଜଣଙ୍କ ଏହା ଉପରକୁ ନିୟନ୍ତ୍ରଣ ହରାଇଥିଲେ ।ଫଳରେ ଏହା ଓଭରବ୍ରିଜ୍‌ରୁ ସିଧା ତଳକୁ ଖସି ପଡ଼ିଛି। କିନ୍ତୁ ପୁଲିସ୍ କିମ୍ବା ପ୍ରଶାସନ ପକ୍ଷରୁ ଏପରି ଦାବିକୁ ନିଶ୍ଚିତ କରାଯାଇ ନାହିଁ।

୪୦ ଡିଗ୍ରୀ ଉପରେ ୧୮ ସହର

ଭୁବନେଶ୍ୱର,୧୫।୪(ମହାଭାରତ): ରାଜ୍ୟରେ ପୁଣି ବଢିଛି ତାତି। ସକାଳ ୮ ଟାରୁ ତାତି ଓ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ଏଭଳି ସ୍ଥିତିରେ ସୋମବାର ରାଜ୍ୟର ୧୮ଟି ସହରର ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ପାର୍ କରିଛି। ବାରିପଦାରେ ସବୁଠୁ ଅଧିକ ୪୧.୪ ଡିଗ୍ରୀ ତାପମାତ୍ରା ରହିଥିଲା। ଏହା ତଳକୁ ରହିଛି ଭୁବନେଶ୍ୱର,ଚାନ୍ଦବାଲି ଓ ନୂଆପଡ଼ା। ଏହି ତିନୋଟି ସହରର ତାପମାତ୍ରା ୪୧.୨ ଡିଗ୍ରୀ ରହିଥିଲା। ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ମାଲକାନଗିରିରେ ତାପମାତ୍ରା ୪୧.୧ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ବୌଦ୍ଧରେ ୪୧, ଝାରସୁଗୁଡ଼ାରେ ୪୧, ଟିଟିଲାଗଡ଼ରେ ୪୧,ଜଗତସିଂହପୁରରେ ୪୧, ପାରଳାଖେମୁଣ୍ଡିରେ ୪୧, କେନ୍ଦ୍ରାପଡ଼ାରେ ୪୦.୨, ଖୋର୍ଦ୍ଧାରେ ୪୦.୫, ନୟାଗଡ଼ରେ ୪୦.୫, ଭବାନୀପାଟଣାରେ ୪୦, ବଲାଙ୍ଗିରରେ ୪୦,ଯାଜପୁରରେ ୪୦ ଓ ଭଦ୍ରକରେ ୪୦ ଡିଗ୍ରୀ ରେକର୍ଡ କରାଯାଇଥିଲା। କଟକରେ ଆଜି ଦିନର ସର୍ବୋଚ୍ଚ ତାପମାତ୍ରା ୩୯.୮ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ଅନୁଗୋଳରେ ୩୯.୭, ହୀରାକୁଦରେ ୩୯.୬,ଢେଙ୍କାନାଳରେ ୩୯.୬, ସମ୍ବଲପୁରରେ ୩୯.୬, ରାଉରକେଲାରେ ୩୯.୬ ଓ ସୁନ୍ଦରଗଡ଼ରେ ୩୯.୫ ଡିଗ୍ରୀ ସେଲସିୟସ ରହିଥିଲା। ଅପରପକ୍ଷରେ ବର୍ତ୍ତମାନ ବାୟୁମଣ୍ଡଳର ନିମ୍ନ ଭାଗରେ ରାଜ୍ୟକୁ ପଶ୍ଚିମ ତଥା

ଉତରପଶ୍ଚିମ ଦିଗରୁ ଶୁଷ୍କ ବାୟୁ ପ୍ରବେଶ କରୁଛି ତଥା ସୂର୍ଯ୍ୟ କିରଣର ତୀବ୍ରତା ବୃଦ୍ଧି ପାଉଥିବାରୁ ଆଗାମୀ ୪ ରୁ ୫ ଦିନ ମଧ୍ୟରେ ରାଜ୍ୟରେ ଅନେକ ସ୍ଥାନରେ ଦିନ ତାପମାତ୍ରା ଧୀରେ ଧୀରେ ୪ ରୁ ୬ ଡ଼ିଗ୍ରୀ ଯାଇଁ ବୃଦ୍ଧି ହେବାର ସମ୍ଭାବନା ରହିଥିବା ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଏହାର ପ୍ରଭାବରେ ରାଜ୍ୟର ଅନେକ ସ୍ଥାନରେ ତାପମାତ୍ରା ୪୦ଡ଼ିଗ୍ରୀ ରେକର୍ଡ ହେବା ସହ ୧୭ ରୁ ୨୦ ତାରିଖ ମଧ୍ୟରେ କିଛି ଜିଲ୍ଲାରେ ୪୩ ରୁ ୪୫ଡ଼ିଗ୍ରୀ ଯାଏଁ ତାପମାତ୍ରା ରେକର୍ଡ ହେବାର ସମ୍ଭାବନା ରହିଛି। ଏହି ପାଣିପାଗ ସ୍ଥିତି କୁ ଲକ୍ଷ୍ୟ କରି ବିଭାଗ ତରଫରୁ ଆଗାମୀ ୫ ଦିନ ଯାଏଁ ଗ୍ରୀଷ୍ମ ପ୍ରବାହ ପାଇଁ ଚେତାବନୀ ଜାରି କରାଯାଇଛି।

ସୁର ରାଉତରାୟ ୬ ବର୍ଷ ବହିଷ୍କୃତ

ଭୁବନେଶ୍ୱର, ୧୫।୪(ମହାଭାରତ): ଜଟଣୀ ବିଧାୟକ ସୁରେଶ ରାଉତରାୟଙ୍କୁ ୬ ବର୍ଷ ପାଇଁ କଂଗ୍ରେସରୁ ବହିଷ୍କାର କରାଯାଇଛି। ଏଆଇସିସି ପକ୍ଷରୁ ପ୍ରେସ ରିଲିଜ୍ ଜରିଆରେ ଦିଆଯାଇଛି ଏହି ସୂଚନା। ସାଂସଦ ତଥା କଂଗ୍ରେସ ସାଧାରଣ ସଂପାଦକ କେ.ସି ବେଣୁଗୋପାଳଙ୍କ ଦସ୍ତଖତ ଥାଇ ଜାରି କରାଯାଇଥିବା ଏହି ପ୍ରେସ୍ ରିଲିଜରେ

କୁହାଯାଇଛି ଯେ ବିଶୃଙ୍ଖଳା ଓ ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତଥିବା ଅଭିଯୋଗ ଆଧାରରେ କଂଗ୍ରେସ ସଭାପତିଙ୍କ ଅନୁମୋଦନକ୍ରମେ ସୁରେଶ କୁମାର ରାଉତରାୟଙ୍କୁ ୬ ବର୍ଷ ପାଇଁ ଦଳରୁ ବହିଷ୍କାର କରାଯାଇଛି।

ସୁରଙ୍କୁ ପୂର୍ବରୁ ବାରମ୍ବର କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା । କାରଣ ଦର୍ଶାଅ ନୋଟିସରେ ସେ କହିଥିଲେ ମୁଁ ଅନ୍ୟ ଦଳ ପାଇଁ ପ୍ରଚାର କରିନାହିଁ । ମଲା ଯାଏଁ କଂଗ୍ରେସରେ ରହିବି। ମୋ ପୁଅ ପ୍ରାର୍ଥୀ ହୋଇଛି। ପୁଅ କଥା ଯିଏ ପଚାରିବ ମୁଁ ହଁ କହିବି ବୋଲି କହିଥିଲେ।

ପୂର୍ବରୁ ସେ ଆଉ ନିର୍ବାଚନ ଲଢିବେ ନାହିଁ ବୋଲି କହିଥିଲେ। ନିଜେ ନ ଲଢିଲେ ମଧ୍ୟ ଲୋକଙ୍କ ପାଇଁ କାମ କରୁଥିଲି କରିବି ବୋଲି କହିଥିଲେ ସୁର ।ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ କଂଗ୍ରେସରେ ରହିଥିଲି ଏବଂ ରହିବି ବୋଲି କହିଥିଲେ। ପ୍ରଥମ ଥର ୧୯୭୭ ମସିହାରେ ବିଧାୟକ ହୋଇ ଆସିବା ପରେ ଲଗାତାର ଜଟଣୀ ଲୋକଙ୍କ ପାଇଁ ସ୍ୱର ଉଠାଇ ଆସିଛନ୍ତି।

ଦଳରୁ ୬ ବର୍ଷ ପାଇଁ ବହିଷ୍କୃତ ହେବା ପରେ ସୁର କହିଛନ୍ତି, ମୁଁ ବିଲ୍‌କୁଲ୍ ପୁଅ ପାଇଁ ପ୍ରଚାର କରିନି। ଏଆଇସିସିର ପ୍ରେସିଡେଣ୍ଟ ଅତି ଖୁସି ହୋଇ ମୋତେ ୬ ବର୍ଷ ପାଇଁ ଯେଉଁ ବାସନ୍ଦ କରିଛନ୍ତି, ସେଥିପାଇଁ ତାଙ୍କୁ ଅଭିନନ୍ଦନ। କେଉଁଠି କି ଦୋଷ କଲି ଯେ ମୋତେ ୬ ବର୍ଷ ପାଇଁ ବହିଷ୍କାର କରାଯାଇଛି, ସେ ନେଇ ମୁଁ ତାଙ୍କୁ ନୋଟିସ୍ ଜରିଆରେ ପଚାରିବି ସେ ଯାହା କରିବେ ଖାତିର ନାହିଁ ମୁଁ ମଲା ଯାଏଁ କଂଗ୍ରେସରେ ରହିବି। ମୁଁ କଂଗ୍ରେସ ପାଇଁ କାମ କରିବି। ମୋ ଜୀବନଟା କଂଗ୍ରେସ। ଯେଉଁମାନେ ଏବେ ଓଡ଼ିଶାରେ କଂଗ୍ରେସରେ ଅଛନ୍ତି। ସତେ ଯେମିତି ଭାରି ନୀତି ଓ ଆଦର୍ଶରେ ଅଛନ୍ତି। ୫୦ ବର୍ଷରୁ ଅଧିକ ସମୟ ଧରି ମୁଁ କଂଗ୍ରେସ ପାଇଁ କାମ କରିଛି ।ଯଦି ମୋ ପୁଅ ଅଲଗା ଦଳରୁ ଟିକେଟ ପାଇଲା ବୋଲି ମୋତେ ବାହାର କରି ଦିଅ ।ଗଲା, ତାହେଲେ ଅଭିନନ୍ଦନ। କିଛି ଆପତ୍ତି ନାହିଁ କି ଖାତିର ନାହିଁ। ଏନେଇ କୌଣସି ପ୍ରକାର ଦୁଃଖ ବି ନାହିଁ ପୁଅ ଟିକେଟ ପାଇଲା ବୋଲି ମୋତେ ଦଳରୁ କାଢ଼ି ଦେବା ଘୋର ଲଜ୍ଜାଜନକ କଥା। ମୁଁ କେବେ କିଛି ବିଶୃଙ୍ଖଳିତ କାର୍ଯ୍ୟ କରିନି।

କେଜ୍ରିୱାଲଙ୍କୁ ଝଟକା

ନୂଆଦିଲ୍ଲୀ, ୧୫।୪(ଏଜେନ୍ସି):: ସୁପ୍ରିମକୋର୍ଟଙ୍କ ପରେ ଦିଲ୍ଲୀର ରାଉଜ ଆଭିନ୍ୟୁ କୋର୍ଟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଝଟକା ଲାଗିଛି। ସୁପ୍ରିମକୋର୍ଟ କେଜ୍ରିୱାଲଙ୍କ ଗିରଫଦାରୀ ବିରୋଧୀ ଆବେଦନର ତ୍ୱରିତ ଶୁଣାଣିକୁ ମନା କରି ଦେଇଥିଲେ। ଏପ୍ରିଲ ୨୯ରେ ତାଙ୍କ ଆବେଦନର ଶୁଣାଣି ହେବା

ଏହାପରେ ରାଉଜ ଆଭିନ୍ୟୁ କୋର୍ଟ ତାଙ୍କ ନ୍ୟାୟିକ ହେପାଜତର ଅବଧିକୁ ଏପ୍ରିଲ ୨୩ ଯାଏ ବୃଦ୍ଧି କରିଛନ୍ତି।

ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ମାର୍ଚ୍ଚ ୨୧ରେ ଗିରଫ ହୋଇ ଏପ୍ରିଲ ୧ରୁ ତିହାର ଜେଲରେ ଥିବା କେଜ୍ରିୱାଲ ଏବେ ସେହି ଠାରେ ହିଁ ରହିବେୟ ଆଜି ତାଙ୍କ ନ୍ୟାୟିକ ହେପାଜତର ଅବଧି ଶେଷ ହେଉଥିବାରୁ ଇଡି ତାଙ୍କୁ ଭିଡିଓ କନଫରେନ୍ସିଂ ଜରିଆରେ କୋର୍ଟରେ ହାଜର କରିଥିଲା। ଏହାପରେ କୋର୍ଟ ତାଙ୍କ ଜେଲ ରହଣୀ ଅବଧିକୁ ଏପ୍ରିଲ ୨୩ ଯାଏ ବୃଦ୍ଧି କରିଥିଲେ।

ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାର ଅନ୍ୟତମ ଅଭିଯୁକ୍ତ କେ କବିତାଙ୍କ ନ୍ୟାୟିକ ହେପାଜତ ଅବଧି ମଧ୍ୟ ୨୩ରେ ଶେଷ ହେଉଛି। ତେଣୁ ସେହି ଦିନ କେଜ୍ରିୱାଲ ଓ କବିତାଙ୍କୁ ଇଡି ଏକାଠି କୋର୍ଟରେ ପୁଣି ହାଜର କରିବ। ଅନ୍ୟପକ୍ଷରେ ଗିରଫଦାରୀ ଓ ରିମାଣ୍ଡକୁ ଚ୍ୟାଲେଞ୍ଜ କରି କେଜ୍ରିୱାଲ ସୁପ୍ରିମକୋର୍ଟ ଯାଇଥିଲେ। ସର୍ବୋଚ୍ଚ ଅଦାଲତନ ଏପ୍ରିଲ ୨୯ ଯାଏ ଶୁଣାଣିକୁ ଘୁଞ୍ଚାଇ ଦେଇଛନ୍ତି। କିନ୍ତୁ କେଜ୍ରିୱାଲଙ୍କ ଆବେଦନ ଉପରେ ଜବାବ ରଖିବାକୁ କୋର୍ଟ ଇଡିକୁ ନୋଟିସ କରିଛନ୍ତି। ଗିରଫ ହେବାର ଦିନକ ପରେ ଟ୍ରାଏଲ କୋର୍ଟ କେଜ୍ରିୱାଲଙ୍କୁ ଦୁଇଟି ପର୍ଯ୍ୟାୟରେ ୧୦ ଦିନ ପାଇଁ ଇଡି ରିମାଣ୍ଡରେ ଛାଡ଼ିଥିଲେ।

ବିକଶିତ ଭାରତ ପାଇଁ ରୋଡମ୍ୟାପ୍ ସରିଛି : ମୋଦୀ

ନୂଆଦିଲ୍ଲୀ,୧୫।୪(ଏଜେନ୍ସି): ଭାରତକୁ ୨୦୪୭ ସୁଦ୍ଧା ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ପ୍ରସ୍ତୁତ ହୋଇଥିବା ଯୋଜନା ସମ୍ପର୍କରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଏଥିସହ ଯେତେବେଳେ ସେ ବଡ଼ ଯୋଜନା କଥା କହୁଛନ୍ତି ସେତେବେଳେ ଲୋକମାନେ ଆଦୌ ଡରନ୍ତୁ ନାହିଁ ବୋଲି ପରାମର୍ଶ ଦେଇଛନ୍ତି।

ନ୍ୟୁଜ ଏଜେନ୍ସି ଏନଆଇଏକୁ ସାକ୍ଷାତକାର ଦେଇ ପ୍ରଧାନମନ୍ତ୍ରୀ ମୋଦି ବିରୋଧୀଙ୍କ ଉପରେ ପ୍ରଶ୍ନ ଉଠାଇଛନ୍ତି। ବିଜେପି ଯଦି ଲୋକସଭା ନିର୍ବାଚନ ଜିତିବ, ତା'ହେଲେ ସମ୍ବିଧାନକୁ ବଦଳାଇବ ବୋଲି ବିରୋଧୀ ଗୋଟିଏ ଭୟ ଲୋକଙ୍କ ମଧ୍ୟରେ ପ୍ରଚାର କରୁଥିବା ମଧ୍ୟ ମୋଦି କହିଛନ୍ତି।

ସେ କହିଛନ୍ତି, ଯେତେବେଳେ ମୁଁ କହୁଛି ମୋ ପାଖରେ ବଡ଼ ଯୋଜନା ସବୁ ରହିଛି ସେତେବେଳେ କେହି ବି ଭୟଭୀତ ହୁଅନ୍ତୁ ନାହିଁ। ମୁଁ କେବେ ହେଲେ କାହାକୁ ଡରାଇବା ପାଇଁ କିମ୍ବା କାହାର କ୍ଷତି କରିବା ପାଇଁ ନିଷ୍ପତ୍ତି ନିଏ ନାହିଁ। ମୁଁ ଦେଶର ସର୍ବାଙ୍ଗୀନ ବିକାଶ ପାଇଁ ନିଷ୍ପତ୍ତି ନେଇଥାଏ ।ଅତିରିକ୍ତ ଭାବେ ସରକାରମାନେ କୁହନ୍ତି ଯେ ଆମେ ସବୁ କିଛି କରି ଦେଇଛୁ। କିନ୍ତୁ ମୁଁ ଏଥିରେ ବିଶ୍ୱାସ କରେ ନାହିଁ। ମୁଁ ସବୁ କିଛି ଠିକ ଦିଗରେ କରିବା ପାଇଁ ଚେଷ୍ଟା କରୁଛି। ତଥାପି ଆହୁରି ଅନେକ କିଛି କରିବାର ଅଛି। ମୋ ଦେଶର ଅନେକ ଆବଶ୍ୟକତା ରହିଛି। କେମିତି ମୁଁ ସବୁ ପରିବାରର ସ୍ୱପ୍ନ ପୂରଣ କରିବି, ସେକଥା ମୋ ମନରେ ଚାଲିଛି। ଏଥିପାଇଁ ମୁଁ ସବୁବେଳେ କହୁଛି ଯେ ଏସବୁ ଟ୍ରେଲର।

ଦ୍ୱିତୀୟ କଥା ହେଲେ ୨୦୪୭ର ଭିଜନ। ପ୍ରଥମତଃ ମୁଁ ଦୀର୍ଘ ସମୟ ଧରି ଗୁଜରାଟର ମୁଖ୍ୟମନ୍ତ୍ରୀ ରହିଛି। ମୋର ସବୁ କିଛିର ଅଭିଜ୍ଞତା ଅଛି। ଯଦି ନିର୍ବାଚନ ବାରମ୍ବାର ହେଉଛି ତା'ହେଲେ ଆଚରଣବିଧି ଲାଗୁ ହେଉଛି। ଯେଉଁ ରାଜ୍ୟର ନିର୍ବାଚନ ହେଉ ପଛେ ମୋ ରାଜ୍ୟରୁ ୩୦ରୁ ୪୦ ଜଣ ବରିଷ୍ଠ ଓ ଭଲ ଅଧିକାରୀ ପର୍ଯ୍ୟବେକ୍ଷକ ଭାବେ ନିର୍ବାଚନ କାମରେ ଯାଉଥିଲେ। ସେମାନଙ୍କୁ ୪୦ରୁ ୫୦ ଦିନ ବାହାରେ ରହିବାକୁ ପଡୁଥିଲା।

ଏପରି ସ୍ଥିତିରେ ମୁଁ କେମିତି ସରକାର ଚଳାଇବି,

ସେନେଇ ଚିନ୍ତା କରିଥାଏ। କାରଣ ଦେଶରେ ଏମିତି ନିର୍ବାଚନ ହେଉଥିବ ଓ ମୋ ପର୍ଯ୍ୟବେକ୍ଷକମାନେ ବାହାରକୁ ଯାଉଥିବେ। ଏହାପରେ ମୁଁ ଭାବିଲି ଯେ ଯଦି ମୋର ଗୋଟିଏ ନିର୍ବାଚନ ହେବ, ତା'ହେଲେ ଉକ୍ତ ସମୟକୁ ମୁଁ ଛୁଟି ଭାବେ ନେବି ନାହିଁ। ପରବର୍ତ୍ତୀ ସରକାର ପାଇଁ ମୁଁ ଅଗ୍ରୀମ ଭାବେ ଅଧିକାରୀମାନଙ୍କୁ କାମ ଦେଇ ପାରିବି। ସେହି ସମୟରେ ମଧ୍ୟ ମୁଁ ପରବର୍ତ୍ତୀ ୧୦୦ ଦିନ ପାଇଁ ଯୋଜନା ପ୍ରସ୍ତୁତ କରୁଥିଲି। ୨୦୪୭ ବିକଶିକ ଭାରତ ଯୋଜନା ଉପରେ ଚାଲିଥିବା କାମ ଉପରକୁ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦି ସମ୍ୟକ ପରଦା ହଟାଇଛନ୍ତି। ଦୁଇ ବର୍ଷ ହେଲାଣି ଏହା ଉପରେ କାମ ଚାଲିଛି ଓ ସେ ନିଜ ପାଇଁ ଆଗାମୀ ୧୦୦ ଦିନ କାର୍ଯ୍ୟ ଯୋଜନା ମଧ୍ୟ ସ୍ଥିର କରିଥିବା କହିଛନ୍ତି। ମୋଦି କହିଛନ୍ତି, ଗତ ୨ ବର୍ଷ ହେଲାଣି ମୁଁ ୨୦୪୭ ଯୋଜନା ଉପରେ କାମ କରୁଛି। ଏଥିପାଇଁ ସମଗ୍ର ଦେଶର ଲୋକଙ୍କୁ ପ୍ରସ୍ତାବ ମାଗିଛି। ଆସନ୍ତା ୨୫ ବର୍ଷ ମଧ୍ୟରେ ଭାରତକୁ ସେମାନେ କେମିତି ଦେଖିବାକୁ ଚାହୁଁଛନ୍ତି, ସେଥିପାଇଁ ମୁଁ ୧୫ ଲକ୍ଷ ଲୋକଙ୍କ ମତାମତ ଆଣିଛି। ମୁଁ ବିଶ୍ୱବିଦ୍ୟାଳୟ, ବିଭିନ୍ନ ଏନଜିଓ ସହ ଯୋଗାଯୋଗ କରିଥିଲି। ୧୫ରୁ ୨୦ ଲକ୍ଷ ଲୋକ ଏଥିପାଇଁ ପ୍ରସ୍ତାବ ଦେଇଛନ୍ତି ।ଏହାପରେ ମୁଁ କୃତ୍ରିମ ଗୁଇନ୍ଦାର ସହାୟତା ନେଇଛି। ମୁଁ ଗୋଟିଏ ଟିମ ଗଠନ କରିଛି। ଆଗାମୀ ସରକାରରେ ଏସବୁ କେମିତି ହେବ, ତା'ର ଯୋଜନା କରିଛି। ମୁଁ ସେମାନଙ୍କ ସହ ବସିଥିଲି ଓ ସେମାନେ ୨.୫ ଘଣ୍ଟା ଧରି ମୋତେ ସବୁ କିଛି ବୁଝାଇଥିଲେ।

୨୦୪୭ରେ ଆମେ ସ୍ୱାଧୀନତାର ୧୦୦ ବର୍ଷ ପାଳନ କରିବା। ବାସ୍ତବିକ ଭାବେ ଉକ୍ତ ସମୟରେ ନୂଆ। ଉତ୍ସାହ ଓ ନୂଆ। ସଂକଳ୍ପ ଆସିବ। ପ୍ରତିଟି ଅନୁଷ୍ଠାନରେ ପ୍ରତ୍ୟେକ ଲୋକ ଗୋଟିଲ ଲକ୍ଷ୍ୟ ରଖିବା ଦରକାର। ମୁଁ ଉକ୍ତ ଗାଁର ମୁଖିଆ। ଓ ୨୦୪୭ ସୁଦ୍ଧା ମୋତେ ମୋ ଗାଁ ପାଇଁ ଅନେକ କିଛି କରିବାର ଅଛି।

ମୋଦି ଆହୁରି କହିଛନ୍ତି, ଆପଣ ଯଦି ୨୦୨୪ ନିର୍ବାଚନକୁ ଦେଖିବେ, ତା'ହେଲେ ଦେଶ ପାଖରେ ଗୋଟିଏ ବଡ଼ ସୁଯୋଗ ରହିଛି। ଦେଶରେ କଂଗ୍ରେସ ସରକାରର ମଡେଲ ଓ ବିଜେପି ସରକାରର ମଡେଲ ରହିଛି। ସେମାନେ ୫ରୁ ୬ ଦଶନ୍ଧି ଧରି କାମ କରିଥିବା ବେଳେ ମୁଁ ୧୦ ବର୍ଷ କାମ କରିଛି। ଏହାର ତୁଳନା କରାଯାଉ। ୧୦ ବର୍ଷ ମଧ୍ୟରୁ ଆମକୁ ୨ ବର୍ଷ କରୋନା ସହ ଲିବାକୁ ପଡ଼ିଲା। ଏହାପରେ ମଧ୍ୟ ଅନେକ ପ୍ରଭାବ ପଡ଼ିଛି। ତଥାପି ବିକାଶର ଧାରା ତୀବ୍ର ହୋଇଛି। ଏମିତିକି ଇଲେକ୍ଟୋରାଲ ବଣ୍ଡ ବିଷୟରେ ମଧ୍ୟ ମତ ରଖିଛନ୍ତି ପ୍ରଧାନମନ୍ତ୍ରୀ। ସେ କହିଛନ୍ତି ଦେଶକୁ ପୁଣିଥରେ କଳାଧନ ଆଣିକୁ ଠେଲିଦିଆଯାଉଛି।

ଆଇଏମଡିର 'ମୌସୁମୀ' ଆକଳନ

ଏଥର ସ୍ୱାଭାବିକ ଠାରୁ ଅଧିକ ବର୍ଷା

ନୂଆଦିଲ୍ଲୀ, ୧୫।୪(ମହାଭାରତ): ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁକୁ ନେଇ ଏବେ ଠାରୁ ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ ବା ଆଇଏମଡି। ସବୁଥର ମୌସୁମୀ ସ୍ୱାଭାବିକ ରହିବ ବୋଲି କହୁଥିବା ଆଇଏମଡି ଏଥର କିଛି ଭିନ୍ନ ଆକଳନ କରିଛି। ଆଇଏମଡିର କହିବା କଥା ଯେ ଚଳିତ ବର୍ଷ ମୌସୁମୀ ବାୟୁ ଯୋଗୁ ଦେଶରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବ। ଦେଶରେ ୧୦୬% ବର୍ଷା ହୋଇପାରେ।

୧୯୭୪ ଓ ୨୦୦୦ ମସିହାକୁ ଛାଡ଼ି ଦେଲେ ବାକି ସବୁଥର ଲା ନିନା ଯୋଗୁ ସ୍ୱାଭାବିକ ବର୍ଷା ହୋଇଥିଲା

ଜୁନରୁ ସେପ୍ଟେମ୍ବର ମଧ୍ୟରେ ମୌସୁମୀ ପ୍ରଭାବରେ ୯୬%ରୁ ୧୦୪% ମଧ୍ୟରେ ବର୍ଷା ହେଲେ ଏହାକୁ ସ୍ୱାଭାବିକ ବୋଲି ଧରା ଯାଏ। ୯୬%ରୁ +/- ୫ ବର୍ଷାକୁ ମଧ୍ୟ ସ୍ୱାଭାବିକ ବର୍ଷା କୁହାଯାଇଥାଏ। କିନ୍ତୁ ଏଥର ୧୦୬% ବର୍ଷା ହେବ ବୋଲି ଆଇଏମଡି କହିଛି।

ତେବେ ମୌସୁମୀ କେବେ ପ୍ରବେଶ କରିବ ଓ କେଉଁ ଅଞ୍ଚଳରେ କେତେ ବର୍ଷା ହେବ, ସେକଥା ଆଇଏମଡି ଏବେ କହି ନାହିଁ। ଆସନ୍ତା ମାସ ପ୍ରଥମ ସପ୍ତାହରେ ଆଇଏମଡି ପକ୍ଷରୁ ବିସ୍ତୃତ ସୂଚନା ଦିଆଯିବ ବୋଲି ଜଣାପଡ଼ିଛି।

ଆଇପିଏଡି କହିଛି ଯେ

ଭେଜ୍ ଫ୍ରାଏଡ ଏଗ୍

ଆବଶ୍ୟକ ସାମଗ୍ରୀ: ୨୫୦ଗ୍ରାମ ପନିର, ୪ ଚାମଚ କର୍ଣ୍ଣଫ୍ଲୋର, ୧ ଚାମଚ ବେସନ, ୧ ଚାମଚ ଦେଶୀଘିଅ, ଗୋଟିଏ ପିଆଜ, ଗୋଲମରିଚ ଗୁଣ୍ଡ, ତେଲ ଓ ଆବଶ୍ୟକ ଅନୁସାରେ ଲୁଣ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକ ପ୍ୟାନରେ ଘିଅ ଗରମ କରି ସେଥିରେ ବେସନକୁ ହାଲକା ଭାଜିଦିଅନ୍ତୁ । ଗୋଟିଏ ପାତ୍ରରେ କିଛି ପନିର, ଅଧା ଚାମଚ କର୍ଣ୍ଣଫ୍ଲୋର ଏବଂ ଭାଜି ରଖିଥିବା ବେସନ ମିଶାଇ ଭଲଭାବେ ଗୋଳାଇ ଦିଅନ୍ତୁ ଏବଂ ଏହାକୁ ଛୋଟ ଛୋଟ ଗୁଳା କରି ଦିଅନ୍ତୁ ।ବର୍ତ୍ତମାନ ପନିରକୁ ଗ୍ରେଟ କରି ସେଥିରେ କର୍ଣ୍ଣଫ୍ଲୋର ପକାଇ ଭଲଭାବେ ମିଶାଇ ଦିଅନ୍ତୁ ଏବଂ ଏହାକୁ ବଡ଼ ବଡ଼ ଗୁଳା କରିଦିଅନ୍ତୁ । ଏବେ ପୂର୍ବରୁ ପ୍ରସ୍ତୁତ କରିଥିବା ଛୋଟ ଛୋଟ ଗୁଳାକୁ ଏହି ବଡ଼ ଗୁଳା ଭିତରେ ଭରି ଅଣ୍ଡା ଆକାରର ବନାଇ ଦିଅନ୍ତୁ । ବର୍ତ୍ତମାନ କଡେଇରେ ତେଲ ଗରମ କରି ସେଥିରେ ଉକ୍ତ ଅଣ୍ଡା ଗୁଡିକ ପକାଇ ଫ୍ରାଏ କରନ୍ତୁ । ଟିକିଏ ସୁନେଲି ରଙ୍ଗ ହୋଇଗଲା ପରେ ଏହାକୁ ବାହାର କରିଦିଅନ୍ତୁ । ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ଆପଣଙ୍କର ଭେଜ ଫ୍ରାଏଡ ଏଗ । ଏହାକୁ ଆପଣ ଗରମ ଗରମ ଯେକୌଣସି ଚଟଣି ସହିତ ସର୍ଭ କରିପାରିବେ ।

ଖବର

୩୯ ବର୍ଷରେ ରାମ ଚରଣଙ୍କୁ ମିଳିଲା ଡକ୍ଟରେଟ ଡିଗ୍ରୀ

ସାଉଥ ସୁପରଷ୍ଟାର ତଥା ଜଜଜ ଫେମ୍ ରାମଚରଣଙ୍କ ଖୁସି ବନ୍ଧବାଡ଼ ମାନୁନି । କାରଣ ରାମଚରଣଙ୍କୁ ମିଳିଛି ସମ୍ମାନଜନକ ଡକ୍ଟରେଟ ଉପାଧୀ । ଚେନ୍ନାଇସ୍ଥିତ ଭେଲ୍ସ ୟୁନିଭରସିଟି ପକ୍ଷରୁ ରାମଚରଣଙ୍କୁ ମିଳିଛି ଏହି ସମ୍ମାନ । ସିନେମା ଜଗତ ପ୍ରତି ଉଲ୍ଲେଖନୀୟ ଅବଦାନ ତଥା ସାମାଜିକ କ୍ଷେତ୍ରରେ ସେବା ନିମନ୍ତେ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି । ମାତ୍ର ୩୯ ବର୍ଷରେ ଏପରି ସମ୍ମାନ ହାସଲ କରି ପାରିଥିବା ରାମଚରଣ ସବୁଠୁ କନିଷ୍ଠ ଡକ୍ଟରେଟ ଡିଗ୍ରୀଧାରୀ ବୋଲି ଜଣାଯାଇଛି ।ଏନେଇ ଖୋଦ ରାମଚରଣ ଗତକାଲି ସୋଶାଲ ମିଡିଆରେ ଫଟୋ ପୋଷ୍ଟ କରି ସୂଚନା ଦେଇଛନ୍ତି । ଏହା ଜାଣିବା ପରେ ରାମଚରଣଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗଛି ।ଗତକାଲି ଭେଲ୍ସ ୟୁନିଭରସିଟି ପକ୍ଷରୁ ୧୪ ତମ ବାର୍ଷିକ ଉତ୍ସବ ପାଇଁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ରାମଚରଣ ମୁଖ୍ୟ ଅତିଥି ଭାବେ ନିମନ୍ତ୍ରିତ ହୋଇଥିଲେ । ଇଭେଣ୍ଟର ଫଟୋ ଶେଆର କରି ସୁପରଷ୍ଟାର ରାମଚରଣ ଲେଖିଛନ୍ତି, ଭେଲ୍ସ ୟୁନିଭରସିଟି ପକ୍ଷରୁ ଡକ୍ଟରେଟ ଉପାଧି ପାଇ ଖୁବ୍ ଖୁସି ଅଛି । ଚେନ୍ନାଇ ଲୋକଙ୍କ ସମେତ ମୋ ଯାତ୍ରାର ଅଂଶ ହୋଇଥିବା ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି । ଆଗକୁ ଆହୁରି ବହୁ ସ୍ୱପ୍ନ ପୂରଣ କରିବାକୁ ବାକି ଅଛି ।ଏହି କାର୍ଯ୍ୟକ୍ରମରେ ରାମଚରଣଙ୍କ ସହ ତାଙ୍କ ପତ୍ନୀଉପାସନା ବି ଉପସ୍ଥିତ ଥିଲେ । ଉପାସନା ବି ଇଭେଣ୍ଟର ବହୁ ଫଟୋ ସୋଶାଲ ମିଡିଆରେ ପୋଷ୍ଟ କରିବା ସହ ରାମଚରଣଙ୍କୁ ଡକ୍ଟର କହି ସମ୍ବୋଧିତ କରିଛନ୍ତି ।ଶେଷ ଥର ପାଇଁ ବ୍ଲକବଷ୍ଟର ମୁଭି 'ଜଜଜ' ରେ ନିଜ ଦମଦାର ଆକ୍ସନ ଦେଖାଇଥିଲେ ରାମଚରଣ । ନିଜ ଆଗାମୀ ଫିଲ୍ମ 'ଏବଞ୍ଚର ଉଷବଭଶରକ୍ସ' ରେ ସେ କିଆରା ଆଡଭାନୀଙ୍କ ସହ ସ୍କ୍ରିନ୍ ଶେଆର କରିବେ । ଏହାବାଦ ସେ ଜାହ୍ନବୀ କପୁରଙ୍କ ସହ ବି ଏକ ଫିଲ୍ମ କରିବେ ବୋଲି ଜଣାଯାଇଛି ।

ଘରେ ରଖୁଛନ୍ତି କି ଶୁଖିଲା ଫୁଲ ?

ଦୂର ହୋଇପାରେ ଆପଣଙ୍କ ସୁଖ-ଶାନ୍ତି

ବାସ୍ତୁ ଅନୁଯାୟୀ ଘରେ ଥିବା ସମସ୍ତ ଜିନିଷ ଆମ ଉପରେ ସକାରାତ୍ମକ ଏବଂ ନକାରାତ୍ମକ ପ୍ରଭାବ ପକାଇଥାଏ । ଘର ସଜାଇବା ପାଇଁ ସବୁ ଜିନିଷ ମଧ୍ୟରୁ ସତେଜ ଫୁଲରେ ଘର ସଜାଇବାକୁ ସମସ୍ତେ ଭଲପାଇଥାନ୍ତି କିନ୍ତୁ ଏହି ଫୁଲ ଝାଉଳି ଯିବା ପରେ ସୁନ୍ଦର ନଲାଗିବା ସହ ଆମ ଉପରେ ନକାରାତ୍ମକ ପ୍ରଭାବ ମଧ୍ୟ ପକାଇଥାଏ ।ଏଥିସହ ଘରେ ଫୁଲ ରଖିବା ଦ୍ୱାରା ଘରର ପରିବେଶ ଖୁସି ରହିଥାଏ । ଏହା ଜୀବନରେ ସୁଖ, ଶାନ୍ତି ଏବଂ ସମୃଦ୍ଧି ନେଇ ଆସିଥାଏ । ତେବେ ଆସନ୍ତୁ ଜାଣିବା ଫୁଲ ସହ ଜଡିତ କିଛି ଖାସ୍ ବାସ୍ତୁ ଟିପ୍ସ । ଘରର ଫୁଲଦାନୀରେ ସର୍ବଦା ସତେଜ ଫୁଲ ରଖନ୍ତୁ । ଏଥିସହ ଏହି ଫୁଲ ଶୁଖିଯିବା ଉପରେ ବିଶେଷ ଧ୍ୟାନ ରଖନ୍ତୁ । ପ୍ରତି ୨ ରୁ ୩ ଦିନ ପରେ ଫୁଲକୁ ବଦଳାଇବା ଦ୍ୱାରା ଘରେ ସୁଖ-ସମୃଦ୍ଧି ଭରି ରହିଥାଏ । ରୋଗରେ ପିଡୀତ ଥିବା ବ୍ୟକ୍ତିଙ୍କୁ ଫ୍ରେସ୍, ସୁନ୍ଦର ଫୁଲ ଗିଫ୍ଟ କରିବାର ଅର୍ଥ ହେଉଛି ସେ ବହୁତ ଜଲଦି ସୁସ୍ଥ ହୋଇଯାଅନ୍ତୁ ବୋଲି କୁହାଯାଇଥାଏ । କାରଣ ଏହା ସୁସ୍ଥ ସ୍ୱାସ୍ଥ୍ୟର ସଂକେତୟ- ଘର, ଦୋକାନ କିମ୍ବା ଅଫିସ୍ କେଉଁଠି ବି ହେଉ ସର୍ବଦା ସଠିକ୍ ଦିଗରେ ଫୁଲଦାନୀ ରଖିବା ଉଚିତ । ବାସ୍ତୁ ଅନୁଯାୟୀ ଏହାକୁ ରଖିବା ବା ଲଗାଇବାର ସଠିକ୍ ଦିଗ ହେଉଛି ଦକ୍ଷିଣ ଏବଂ ପଶ୍ଚିମ । ଏହି ଦିଗରେ ଫୁଲଦାନୀ ରଖିବା ଦ୍ୱାରା ଘରେ ଖୁସିର ବାତାବରଣ ରହିଥାଏ । କିନ୍ତୁ ଯଦି ଆପଣ ଏହାର ବିପରୀତ ଦିଗରେ ରଖନ୍ତି ତେବେ ଆପଣଙ୍କ ଘରେ ସର୍ବଦା ଝଗଡା ଏବଂ ବିଳମ୍ବରେ ବିବାହ ହେବାର ସମସ୍ୟା ଦେଖାଯାଇଥାଏ

ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ କାଜୁ !

ଡ୍ରାଏ ଫ୍ରୁଟସ୍ ତଥା କାଜୁ ଖାଇବା ସମସ୍ତଙ୍କୁ ପସନ୍ଦ । ଏହାର ସ୍ୱାଦ ସମସ୍ତଙ୍କୁ ଭଲ ଲାଗେ । କାଜୁ ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକର ବୋଲି ମଧ୍ୟ କୁହାଯାଏ । କିନ୍ତୁ ଆବଶ୍ୟକତା ଠାରୁ ଅଧିକ କାଜୁ ଖାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ପ୍ରମାଣିତ ହୋଇପାରେ । ଯଦି ଆପଣଙ୍କର କାଜୁ ଖାଇବା ସଉକ ଥାଏ ତେବେ ସାବଧାନ ହୋଇଯା'ନ୍ତୁ । ଅଧିକ କାଜୁ ଖାଇବା ଦ୍ୱାରା ଓଜନ ବଢ଼ିବା ସହ କିଡନୀ ଏବଂ ହୃଦୟ ଉପରେ ଖରାପ ପ୍ରଭାବ ପକାଇଥାଏ । ତେବେ କାଜୁ ଖାଇବା ଦ୍ୱାରା ଆଉ କ'ଣ କ'ଣ ସବୁ କ୍ଷତି ହୁଏ ଆସନ୍ତୁ ଜାଣିବା । ଯଦି ଆପଣଙ୍କର ସାଧାରଣତ ମୁଣ୍ଡବିନ୍ଧା କିମ୍ବା ମାଇଗ୍ରେନ୍ ସମସ୍ୟା ଥାଏ ତେବେ କାଜୁ ବାଦାମଠାରୁ ଦୂରଇ ରୁହନ୍ତୁ । କାଜୁରେ ଆମିନୋ ଏସିଡ୍ ଟାଇରାମାଇନ୍ ଏବଂ ଫେନିଲେଥାଇଲାମାଇନ୍ ଥାଏ, ଯାହା ଆପଣଙ୍କ ମୁଣ୍ଡବିନ୍ଧାକୁ ଅନେକ ଥର ବଢ଼ାଇପାରେ । କାଜୁ ଏକ ଅଧିକ କ୍ୟାଲୋରୀ ଯୁକ୍ତ ଖାଦ୍ୟ । ଏହାକୁ ଅଧିକ ଖାଇବା ଦ୍ୱାରା ଓଜନ ବଢ଼ିବା ସହ ଆପଣ ମୋଟାପଣର ଶିକାର ହୋଇପାରନ୍ତି । ତେଣୁ କାଜୁକୁ ଅତି ସୀମିତ ପରିମାଣରେ ଖାଇବା ଉଚିତ । ପ୍ରାୟ ୩୦ ଗ୍ରାମ କାଜୁରେ ୧୬୩ କ୍ୟାଲୋରୀ ଏବଂ ୧୩.୧ ଚର୍ବି ଥାଏ ଯଦି ଆପଣ ନିୟମିତ କିମ୍ବା ଅଧିକ ପରିମାଣରେ କାଜୁ ଖାଉଛନ୍ତି ତେବେ ଆପଣଙ୍କର ଓଜନ ହ୍ରାସ କରିବା ଲକ୍ଷ୍ୟ କେବେ ବି ପୂରଣ ହୋଇପାରିବ ନାହିଁ । ଅଧିକ ପରିମାଣରେ କାଜୁ ଖାଇବା ଦ୍ୱାରା ଧୀରେ ଧୀରେ ଶରୀରରେ ଔଷଧ ମଧ୍ୟ କାମ କରେ ନାହିଁ । ୩ ରୁ ୪ଟି କାଜୁରେ ୮୨.୫ ମ୍ୟାଗ୍ନେସିୟମ୍ ଥାଏ । ଏହି ମ୍ୟାଗ୍ନେସିୟମ୍ ଆପଣ ଖାଉଥିବା ଡାଇବେଟିସ୍, ଥାଇରଏଡ୍, ମୂତ୍ର ସମ୍ବନ୍ଧୀୟ ଏବଂ ଆର୍ଥ୍ରାଇଟିସ୍ ଔଷଧ ଉପରେ ପ୍ରଭାବ ପକାଇଥାଏ । ଉଚ୍ଚ ରକ୍ତଚାପରେ ପୀଡିତ ଥିବା ବ୍ୟକ୍ତି ଭୁଲ୍‌ରେ ବି କାଜୁ ଖାଇବା ଉଚିତ ନୁହେଁ । କାଜୁରେ ଅଧିକ ମାତ୍ରାରେ ସୋଡିଅମ ରହିଛି, ଯାହା ରକ୍ତଚାପକୁ ବଢ଼ାଇବାରେ କାମ କରେ । କେବଳ ସେତିକି ନୁହେଁ ଅଧିକ କାଜୁ ଖାଇବା ଦ୍ୱାରା କିଡନୀ ଏବଂ ହୃଦୟ ଉପରେ ମଧ୍ୟ ପ୍ରଭାବ ପଡିଥାଏ ।

ସୋରିଷ ତେଲରେ ମାତ୍ର ଗୋଟିଏ ଜିନିଷ ମିଶାନ୍ତୁ ୨ ଦିନରେ କେଶ ଝଡ଼ିବା ହୋଇଯିବ ବନ୍ଦ

ଯଦି ଆପଣ କେଶ ଝଡିବା ସମସ୍ୟାରୁ ବହୁତ ଚିନ୍ତିତ ଅଛନ୍ତି ତେବେ ଏପରି ଘରୋଇ ଉପଚାର ବିଷୟରେ ଜାଣନ୍ତୁ ଯାହା ଆପଣଙ୍କ କେଶ ଝଡିବା ରୋକିବା ସହ କେଶ ବୃଦ୍ଧିରେ ସାହାଯ୍ୟ କରିଥାଏ । ଏହା ସହ ଆମେ ଆପଣଙ୍କୁ କିଛି ଏପରି ଉପାୟ ବିଷୟରେ ଜଣାଇବୁ ଯାହା ଆପଣଙ୍କୁ ପାଳନ କରିବାକୁ ପଡିବ । ତେବେ ଆସନ୍ତୁ ଜାଣିବା କିପରି ପ୍ରସ୍ତୁତ କରିବା ଏହି ଘରୋଇ ଉପକରଣ । କେବଳ ୨ଟି ଜିନିଷ ସାହାଯ୍ୟରେ ଆମେ ଏହି ଘରୋଇ ଉପଚାରକୁ ପ୍ରସ୍ତୁତ କରି ପାରିବା । ସର୍ବ ପ୍ରଥମେ ସୋରିଷ ତେଲ ନିଅନ୍ତୁ । ଏହା କେଶ ପାଇଁ ଖୁବ ଉପକାରୀ ଅଟେ । ଏହା ସହ ସୋରିଷ ତେଲ ଆପଣଙ୍କ କେଶ ପାଇଁ ବହୁତ ଭଲ ହୋଇଥାଏ । ସୋରିଷ ତେଲ କେଶ ଜନିତ ସବୁ ସମସ୍ୟା ତଥା କେଶ ଝଡିବା, କେଶ ଫାଟିବା ଓ କେଶ ଶୁଷ୍କ ହେବା ସମସ୍ୟାକୁ ଦୂର କରିଥାଏ । ଦ୍ୱିତୀୟ ଜିନିଷଟି ହେଲା ମେଥି । ଏହା ଆମ କେଶ ପାଇଁ ବହୁତ ଲାଭଦାୟକ ହୋଇଥାଏ । ଏହା କେଶ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ । ଏହି ମେଥିର ଦାନାକୁ ଗ୍ରାଇଣ୍ଡରରେ ବାଟି ଏହାର ପାଉଡର ବନାଇ ନିଅନ୍ତୁ । ତା ପରେ ଏକ ପ୍ୟାନ ନେଇ ସେଥିରେ ଅଧ ଟାଟିଆ ସୋରିଷ ତେଲ ନିଅନ୍ତୁ । ଏହା ପରେ କମ ଆଞ୍ଚରେ ଏହାକୁ ଗରମ କରନ୍ତୁ । ତେଲ ଗରମ ହେବା ପରେ ଅଧ ଚାମଚ ମେଥି ଗୁଣ୍ଡା ମିଶାନ୍ତୁ । ଏହି ପ୍ରକ୍ରିୟା ସମୟରେ ଗ୍ୟାସର ଆଞ୍ଚ କମ ରଖନ୍ତୁ । ଏହା ହଳ୍କା ମାଟିଆ ରଙ୍ଗ ହେବା ପର୍ଯ୍ୟନ୍ତ ଏହାକୁ ଚାମଚରେ ଗୋଳାନ୍ତୁ । ୩-୪ ମିନିଟ ପର୍ଯ୍ୟନ୍ତ କମ ଆଞ୍ଚଏ ଏହାକୁ ପ୍ରସ୍ତୁତ କରନ୍ତୁ । ଏହା ପରେ ଗ୍ୟାସକୁ ବନ୍ଦ କରି ଥଣ୍ଡା ହେବା ପାଇଁ ଛାଡି ଏହାକୁ ଏକ ଛଣା ମାଧ୍ୟମରେ ଛାଣି ଦିଅନ୍ତୁ । ଯେପରି ଭାବେ ଆପଣ ନିଜ କେଶରେ ତେଲ ଲଗାଇଥାନ୍ତି ଠିକ ସେହିପରି ଆପଣଙ୍କୁ ଏହାକୁ ନିଜ କେଶରେ ଲଗାଇବେ । ଏବଂ ୨-୫ ମିନିଟ ଭଲ ଭାବରେ ମାଲିସ କରନ୍ତୁ । କାରଣ ଏହା କରିବା ଦ୍ୱାରା ତେଲ ଆପଣଙ୍କ କେଶ ମୂଳକୁ ଭଲ ଭାବରେ ଯିବ । ଯାହା ଦ୍ୱାରା ଆପଣଙ୍କ କେଶ ଜନିତ ସମସ୍ୟା ଓ କେଶରେ ଥିବା ରୂପୀ ସମସ୍ୟା ଶେଷ ହୋଇଯିବ । ଯଦି ଆପଣ ଏହାକୁ ରାତି ସମୟରେ ଲଗାଉଛନ୍ତି ତେବେ ସକାଳୁ ଆପଣ କୌଣସି ବି ସମ୍ପୂ ସାହାଯ୍ୟରେ ଏହାକୁ ଧୋଇ ଦିଅନ୍ତୁ । ଯଦି ଆପଣ ଏହି ତେଲକୁ ଦିନ ସମୟରେ ବ୍ୟବହାର କରିବେ ତେବେ ୨-୩ ଘଣ୍ଟା ପରେ ଆପଣ କେଶ ଧୋଇ ପାରିବେ ।

ମୁହଁର ସୌନ୍ଦର୍ଯ୍ୟ ବଢ଼ାଏ କଞ୍ଚାକ୍ଷୀର



କଞ୍ଚାକ୍ଷୀର ଶରୀର ପାଇଁ ଭଲ ବୋଲି ଆମେ ପିଲାବେଳୁ ଶୁଣି ଆସିଛେ । ଏଥିରେ ଭିଟାମନ୍ ଏ, କ୍ୟାଲସିୟମ୍, ଆଇରନ୍, ପ୍ରୋଟିନ୍, ଫ୍ୟାଟ୍, କୋଲେଷ୍ଟଲ୍ ପରି ପୋଷକ ତତ୍ତ୍ୱ ରହିଛି ।

କେବଳ ଶରୀର ନୁହେଁ, ତ୍ୱଚାକୁ ସୁସ୍ଥ ରଖିବା ପାଇଁ କଞ୍ଚାକ୍ଷୀର ସାହାଯ୍ୟ କରିଥାଏ । ତେବେ କେବଳ କଞ୍ଚାକ୍ଷୀରକୁ ପିଇଲେ ପିଇଲେ ସ୍ୱାସ୍ଥ୍ୟ ଉପକାରୀ ଲାଭ ମିଳିନଥାଏ । ଏହାକୁ ମୁହଁରେ ଲଗାଇଲେ ମଧ୍ୟ ତ୍ୱଚା ଉଜ୍ଜ୍ୱଳ ହେବା ସହିତ କୋମଳ ହୋଇଥାଏ । ତା'ହେଲେ ଆସନ୍ତୁ ଜାଣିବା ତ୍ୱଚାର ସୌନ୍ଦର୍ଯ୍ୟ ପାଇଁ କଞ୍ଚାକ୍ଷୀରକୁ କିପରି ବ୍ୟବହାର କରାଯାଇପାରିବ ।

- ଅମୃତଭଣ୍ଡା ଓ କଞ୍ଚାକ୍ଷୀରର ମିଶ୍ରଣକୁ ତ୍ୱଚାରେ ଲଗାଇଲେ ତ୍ୱଚାରେ ନାଚୁରାଲ୍ ଗ୍ଲୋ ଆସିଥାଏ । ଅମୃତଭଣ୍ଡାରେ ଏକ ଏନଜାଇମ୍ ରହିଛି, ଯାହା ଡେଡ୍ ସେଲ୍ସ ତ୍ୱଚାରୁ ବାହାର କରି ବ୍ରଣ ଓ ଦାଗ ସମସ୍ୟା ଦୂର କରିଥାଏ ।
- ବୟସ ବଢିଲେ ତ୍ୱଚାରେ କୁଞ୍ଚନ ଆସିଥାଏ । ଏଥିପାଇଁ ଅମୃତଭଣ୍ଡାରେ କଞ୍ଚାକ୍ଷୀର ମିଶାଇ ମୁହଁରେ ଲଗାନ୍ତୁ । କିଛି ସମୟ ରଖିବା ପରେ ମୁହଁକୁ ପାଣିରେ ଧୋଇ ଦିଅନ୍ତୁ । ଦେଖିବେ ମୁହଁରେ ଉଜ୍ଜ୍ୱଳ ଆସିବ ।
- ଧୂଳି ଓ ଧୂଆଁ ଯୋଗୁ ତ୍ୱଚା ମଳିନ ଲାଗିଥାଏ ଏଥିପାଇଁ କଞ୍ଚାକ୍ଷୀରରେ ମହୁ ମିଶାଇ ମୁହଁରେ ଲଗାନ୍ତୁ । ମହୁ ତ୍ୱଚାରେ ଥିବା ଟାନ୍ କୁ ସଫା କରିଥାଏ ।
- ମସୁର ଡ଼ାଲି, ବେସନ ଓ କଞ୍ଚାକ୍ଷୀରକୁ ରାତିରେ ବତୁରାଇ ରଖିଦିଅନ୍ତୁ । ସକାଳେ ଏହାର ପେଷ୍ଟ ପ୍ରସ୍ତୁତ କରି ନିୟମିତ ଭାବରେ ମୁହଁରେ ଲଗାନ୍ତୁ । ଏପରି କଲେ ତ୍ୱଚାରେ ଥିବା ଅତିରିକ୍ତ କେଶ ସଫା ହେବା ସହିତ ତ୍ୱଚା ଉଜ୍ଜ୍ୱଳ ହୋଇଥାଏ ।

୮୦ ପ୍ରତିଶତ ଟପିବ ମତଦାନ ହାର

ଭୁବନେଶ୍ୱର, ୧୫।୪ (ମହାଭାରତ): ବ୍ୟାପକ ପଦକ୍ଷେପ ସତ୍ତ୍ୱେ ରାଜ୍ୟରେ ମତଦାନ ହାର ବୃଦ୍ଧି ପାଉ ନାହିଁ। ରାଜ୍ୟର ଅଧିକାଂଶ ବିଧାନସଭା କ୍ଷେତ୍ର ଏବଂ ଲୋକସଭା କ୍ଷେତ୍ରରେ ମତଦାନ ହାର ରାଜ୍ୟ ମତଦାନ ହାର ଠାରୁ କମ୍ ରହୁଛି। ତେବେ ଚଳିତ ନିର୍ବାଚନରେ ମତଦାନ ହାର ବୃଦ୍ଧି ପାଇବ ବୋଲି କୁହାଯାଉଛି। ଚଳିତ ନିର୍ବାଚନରେ ବିଜେଡି ଓ ବିଜେପି ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ମତଦାନ କରିବାକୁ ଅଧିକ ମାତ୍ରାରେ ଭୋଟରଙ୍କୁ ଆକୃଷ୍ଟ କରିପାରେ। ଏଥିସହିତ ମତଦାନ ହାର ବୃଦ୍ଧି ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଶନ୍ ମୋଡ୍ରେ ପଦକ୍ଷେପ ନିଆଯାଉଛି।

ଅପରପକ୍ଷେ ଚଳିତ ଥର ନୂଆ। ମତଦାତାଙ୍କ ସଂଖ୍ୟା ପୂର୍ବାପେକ୍ଷା ଯଥେଷ୍ଟ ବୃଦ୍ଧି ପାଇବା ଏବଂ ବିଭିନ୍ନ ବର୍ଗର ଭୋଟରମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ୨୦୨୪ ନିର୍ବାଚନରେ ମତଦାନ ହାର ୮୦% ଅତିକ୍ରମ କରିବାରେ ସହାୟକ ହେବ ବୋଲି ମତପ୍ରକାଶ ପାଇଛି। ୨୦୧୪ ଏବଂ ୨୦୧୯ରେ ଉଭୟ ଲୋକସଭା ଓ ବିଧାନସଭା ନିର୍ବାଚନ ଏକ ସମୟରେ ଅନୁଷ୍ଠିତ ହୋଇଥିଲା। ତେବେ ଉଭୟ ଥର ଓଡ଼ିଶାରେ ମତଦାନ ହାର ୭୩% ମଧ୍ୟରେ ସୀମିତ ରହିଥିଲା। ୨୦୧୯ରେ ୫୯ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ମତଦାନ ହାର ରାଜ୍ୟ ହାର ଠାରୁ କମ୍ ରହିଥିବା ବେଳେ ୨୩ ବିଧାନସଭା କ୍ଷେତ୍ରରେ ଜାତୀୟ ହାର ଠାରୁ କମ୍ ରହିଥିଲା। ସେହିପରି ୮ଟି ଲୋକସଭା କ୍ଷେତ୍ରରେ ମତଦାନ ହାର ରାଜ୍ୟ ହାର ଠାରୁ କମ୍ ରହିଥିଲାୟ ଏପରିକି ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ମତଦାନ ହାର ୫୦%ରୁ କମ୍ ରହିଥିଲା। ଯେଉଁଠି ଖୋଦ୍ ରାଜଧାନୀରେ ମତଦାନ ହାର ଅଧାରୁ କମ୍ ରହୁଛି ସେଠି ରାଜ୍ୟର ଅନ୍ୟ ସହର ଅବା ଜିଲ୍ଲାରେ ମତଦାନ ହାରରେ ଅଭିବୃଦ୍ଧି ଆଣିବା କିଛି କମ୍ କଷ୍ଟସାଧ୍ୟ ନୁହେଁ।

ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀଙ୍କ କହିବା ଅନୁସାରେ ଜନସଚେତନତା ଓ ଦାୟିତ୍ୱବୋଧ ହିଁ ଗଣତନ୍ତ୍ରର ମହାନ୍ ପର୍ବକୁ ସାଫଲ୍ୟମଣ୍ଡିତ କରିପାରିବ। ସେଥିପାଇଁ ସବୁ ବର୍ଷ ଭୋଟର ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଏ। ତେବେ ଚଳିତ ଥର ମତଦାନ ହାର ବୃଦ୍ଧି ପାଇଁ ପୂର୍ବାପେକ୍ଷା ଅଧିକ କଡ଼ା ପଦକ୍ଷେପ ନିଆଯାଉଛି। କିଛି ଦିନ ପୂର୍ବେ ଓଡ଼ିଶା ଗସ୍ତରେ ଆସିଥିବା ଭାରତୀୟ ନିର୍ବାଚନ ଆୟୋଗ ମତଦାନ ହାର କମ୍ ରହୁଥିବା ଜିଲ୍ଲାର ଅଧିକାରୀମାନଙ୍କ ସହ ବିଶେଷଭାବେ ଆଲୋଚନା କରି ବିହିତ ପଦକ୍ଷେପ ନେବା ଲାଗି ପରାମର୍ଶ ଦେଇଥିଲେ। ସେହି ଅନୁସାରେ ଚଳିତ ଥର ମତଦାନ ହାର ଅପେକ୍ଷାକୃତ କମ୍ ରହୁଥିବା ରାଜ୍ୟର ୫୯ଟି ବିଧାନସଭା କ୍ଷେତ୍ରକୁ ଲକ୍ଷ୍ୟରେ ରଖି ପଦକ୍ଷେପ ନିଆଯାଉଛି। ରାଜ୍ୟରେ ମତଦାନ ହାର ବୃଦ୍ଧି କରିବା ଲକ୍ଷ୍ୟରେ ଯୋଜନାବଦ୍ଧ ଭାବେ ସଚେତନତା ପାଇଁ ଅଭିନବ କାର୍ଯ୍ୟକ୍ରମ ହାତକୁ ନେବା ଲାଗି ଜିଲ୍ଲା ନିର୍ବାଚନ ଅଧିକାରୀ, ବ୍ୟବସ୍ଥିତ ଶିକ୍ଷା ଏବଂ ନିର୍ବାଚନରେ ଅଂଶଗ୍ରହଣ ନୋଡାଲ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାର ଅଗ୍ରଗତିକୁ ନେଇ ନିୟମିତ ବ୍ୟବଧାନରେ ସମ୍ପୃକ୍ତ ଅଧିକାରୀମାନଙ୍କୁ ରିପୋର୍ଟ ତଲବ କରାଯାଉଛି। ବିଶେଷକରି କଟକ, ଭୁବନେଶ୍ୱର, ସମ୍ବଲପୁର, ରାଉରକେଲା, ବ୍ରହ୍ମପୁର, ବାଲେଶ୍ୱର ଭଳି ପ୍ରମୁଖ ସହରାଞ୍ଚଳକୁ ଦୃଷ୍ଟିରେ ରଖି ପଦକ୍ଷେପ ନିଆଯାଉଛି। ଯୁବ, ମହିଳା, ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ, ତୃତୀୟ ଲିଙ୍ଗୀ ଭୋଟର ମାନଙ୍କ ସୁବିଧା ସୁନିଶ୍ଚିତ କରାଯାଉଛି। ତେଣୁ ଏଥର ମତଦାନ ହାର ବୃଦ୍ଧି ପାଇବାର ଯଥେଷ୍ଟ ସମ୍ଭାବନା ଅଛି ବୋଲି ସେ କହିଛନ୍ତି।

ରାଜନୈତିକ ସମୀକ୍ଷକଙ୍କ ମତରେ ଏଥର ବିଭିନ୍ନ ନିର୍ବାଚନମଣ୍ଡଳୀରେ କଡ଼ା ମୁକାବିଲା ହେବାର ସମ୍ଭାବନା ଅଛି। ଏହା ବ୍ୟତୀତ ବିଜେଡି ଓ ବିଜେପି ମଧ୍ୟରେ ସମ୍ଭାବ୍ୟ ମେଣ୍ଟକୁ ନେଇ ଓଡ଼ିଶାର ରାଜନୈତିକ ଦୃଶ୍ୟପଟ ବେଶ୍ ସରଗରମ୍ ହୋଇଥିଲାୟ କିନ୍ତୁ ଏବେ ଉଭୟ ଦଳ ମୁହାଁମୁହିଁ ପରିସ୍ଥିତିରେ ଅଛନ୍ତି। ନେତାଙ୍କ ଦଳବଦଳ ପ୍ରସଙ୍ଗକୁ ନେଇ ମଧ୍ୟ ଆଲୋଚନା ଜାରି ଥିବା ବେଳେ ଅପ୍ରତ୍ୟାଶିତ ଭାବେ ଅନେକ ପ୍ରାର୍ଥୀ ଟିକଟ ହାତେଇଛନ୍ତି। ରାଜ୍ୟରେ ଏଥର ୩.୩୨ କୋଟି ଭୋଟର ମତଦାନ ଅଧିକାର ସାବ୍ୟସ୍ତ କରିବେ। ତେବେ ଗୁରୁତ୍ୱପୂର୍ଣ୍ଣ ହେଉଛି ଏଥର ୧୮-୧୯ ବର୍ଷ ମଧ୍ୟରେ ଭୋଟରଙ୍କ ସଂଖ୍ୟା ପୂର୍ବାପେକ୍ଷା ଦୁଇ ଲକ୍ଷ ବୃଦ୍ଧି ପାଇ ୭.୫୫ ଲକ୍ଷରେ ପହଞ୍ଚିଛି। ପ୍ରଥମ ଥର ମତଦାନ ପାଇଁ ୪.୭ ଲକ୍ଷ (୧୮-୧୯ବର୍ଷ) ନୂଆ ଭୋଟରଙ୍କୁ ଯୋଡ଼ାଯାଇଛି। ନୂଆ ଭୋଟର ମଧ୍ୟ ମତଦାନ ହାର ବୃଦ୍ଧିରେ ବଡ଼ ଭୂମିକା ନେବେ ବୋଲି ଆଶା କରାଯାଉଛି।

ମହିଳାଙ୍କୁ ଅସଦାଚରଣ ୩ ଭଣ୍ଡ ବାବା ଗିରଫ

ଭୁବନେଶ୍ୱର, ୧୫।୪ (ମହାଭାରତ): ପୁତ୍ର ସନ୍ତାନପ୍ରାପ୍ତି ପୂଜା ବାହାନାରେ ଜଣେ ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୁଲିସ ୩ ମଙ୍ଗଳା ପୂଜକ ବେଶଧାରୀ ଭଣ୍ଡ କାଳିଶିଙ୍କୁ ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ଅଞ୍ଚଳର ରବୀନ୍ଦ୍ର ରଣା, ସୁଶାନ୍ତ ମହାପାତ୍ର ଓ କଣ୍ଟୁରି ମହାପାତ୍ର। ପୁଲିସର ସୂଚନାନୁସାରେ, ଅଭିଯୁକ୍ତମାନେ ମା' ମଙ୍ଗଳାଙ୍କ ମୂର୍ତ୍ତିକୁ ମୁଣ୍ଡରେ ବୋହି ବସ୍ତିରୁ ବସ୍ତି ବୁଲନ୍ତି। ବସ୍ତିବାସିନ୍ଦାମାନେ ମା' ମଙ୍ଗଳାଙ୍କ ପୂଜା ପାଇଁ ସେମାନଙ୍କୁ ଟଙ୍କା ପଇସା ଦେଇଥାଆନ୍ତି। କେହି କେହି ବିଭିନ୍ନ ମାନସିକ ପୂରଣ ପାଇଁ ସେମାନଙ୍କୁ ମା'ଙ୍କ ସ୍ୱତନ୍ତ୍ର ପୂଜା ଲାଗି ଦାବି ମୁତାବକ ଅଧିକ ପଇସା ଦେଇଥାଆନ୍ତି। ଏବେ ମା'ଙ୍କ ବାସନ୍ତିକ ପୂଜା ଚାଲିଥିବାରୁ ଏତିକିବେଳେ ସବୁ ମାନସିକ ପୂରଣ ହେବ ବୋଲି ସେମାନେ ଲୋକଙ୍କୁ ବୁଝାଉଥିଲେ। କାଳିଶିଙ୍କ ଉପରେ ବିଶ୍ୱାସ ରଖିଥିବା ଜଣେ ବୃଦ୍ଧା ସେମାନଙ୍କୁ ଡାକି ତାଙ୍କ ମାନସିକ କଥା କହିଥିଲେ। ତାଙ୍କ ବୋହୂ ନିଃସନ୍ତାନ ଥିବା ନେଇ କାଳିଶିମାନଙ୍କୁ ସେ ଜଣାଇଥିଲେ।

ବୃଦ୍ଧାଙ୍କଠାରୁ ଭଲ ଅର୍ଥ ଝଡ଼ାଇବା ଯୋଜନା କରି ସେମାନେ ବାସନ୍ତିକ ପୂଜା ଅବସରରେ ମା'ଙ୍କ ସ୍ୱତନ୍ତ୍ର ପୂଜା କଥା କହିଥିଲେ। କାଳିଶି ରବୀନ୍ଦ୍ର ମନରେ ଥିଲା ଆଉ ଏକ ଯୋଜନା। ସେ ବୋହୂଙ୍କ ଉପରେ ଲୋଲୁପଦୃଷ୍ଟି ପକାଇଥିଲା। ପୂଜା ପାଇଁ ଏକ ନୂଆ ଶାଢ଼ି ଓ ୨,୦୦୦ ଟଙ୍କା ଦାବି କରିଥିଲା। ବୃଦ୍ଧା ସବୁ ଯୋଗାଡ଼ କରିଥିଲେ। ଆଜି ପୂଜା ପାଇଁ ରବୀନ୍ଦ୍ର ମହିଳାଙ୍କୁ ଏକ ଘରେ ପୂରାଇ ଭିତରୁ କବାଟ କିଳି ଦେଇଥିଲା। ବାହାରେ ବୃଦ୍ଧାଙ୍କ ସହ ଅନ୍ୟ ୨ କାଳିଶି ଅପେକ୍ଷା କରିଥିଲେ। ଭିତରେ ରବୀନ୍ଦ୍ର ମହିଳାଙ୍କୁ ନୂଆ ଶାଢ଼ି ପିନ୍ଧାଇବାକୁ ଯାଇ ଅସଦାଚରଣ କରିଥିଲା। ମହିଳା ସବୁ ବୁଝିପାରି ଚିତ୍କାର କରିଥିଲେ। ଚିତ୍କାର ଶୁଣି କଣ୍ଟୁରି ଓ ସୁଶାନ୍ତ ସେଠାରୁ ଦେଡ଼ିଥିଲେ। କିନ୍ତୁ ଶାଶୂଙ୍କ ପାଟି ଶୁଣି ଧାଇଁଆସିଥିବା ପଡ଼ୋଶୀମାନେ ତିନିଭଣ୍ଡଙ୍କୁ କାବୁ କରିଥିଲେ। ଭଣ୍ଡଙ୍କୁ ବହେ ଛେଚିବା ପରେ ବସ୍ତିବାସିନ୍ଦା ସେମାନଙ୍କୁ ପୁଲିସ ଜିମା ଦେଇଥିଲେ।

ରୁଦ୍ରପୁରରେ ଲଉଡି ମହୋତ୍ସବ

ଭୁବନେଶ୍ୱର, ୧୫।୪ (ମହାଭାରତ): ଭୁବନେଶ୍ୱର ମହାନଗର ନିଗମର ୪ ନମ୍ବର ୱାର୍ଡର ରୁଦ୍ରପୁର, ସୁନ୍ଦରାପାଟଣା ଗାମରେ ରୁଦ୍ରପୁର ଗୋପାଳ ସମାଜ ଆନୁକୂଲ୍ୟରେ ପ୍ରଥମ ବାର୍ଷିକ ଲଉଡି ମହୋତ୍ସବ ଗତକାଲି ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଅଛି। କାର୍ଯ୍ୟକ୍ରମରେ ବିଧାୟକ ସୁଶାନ୍ତ କୁମାର ରାଉତ, କର୍ପୋରେଟର ସୁକୁମାର ସାହୁ, ବାଲିଅନ୍ତା ସରପଞ୍ଚ କୃଷ୍ଣକେଶବ ଆପଟ, ବାଲିଅନ୍ତା ବ୍ଲକ ଯାଦବ ସଂଘ ସଭାପତି ଧନେଶ୍ୱର ବେହେରା, ଶିକ୍ଷାବିତ୍ ସୁଲଭ ବେହେରା, ଲକ୍ଷେଶ୍ୱର ଆଞ୍ଚଳିକ ଯାଦବ ସଂଘ ସମ୍ପାଦକ ଧ୍ରୁବଚରଣ ବେହେରା, ସମବାୟବିତ୍ ଅକ୍ଷୟ କୁମାର ଲେଙ୍କା, ଲକ୍ଷେଶ୍ୱର ସଂକୀର୍ତ୍ତନ ମହାମଣ୍ଡଳୀର ମହନ୍ତ ନଳିନୀ କୁମାର ସ୍ୱାଇଁ, ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ଲଉଡ଼ି ଗୁରୁ କବୀର ବେହେରା, ଶିକ୍ଷାବିତ୍ ନିଲୁ ବେହେରା, ସୁରେଶ ବେହେରା, ବିଭିନ୍ନ ଗ୍ରାମର ମୁରବି ଯୋଗଦେଇଥିଲେ। ଏହି ଆଧ୍ୟାତ୍ମିକ ଲୋକକଳା କାର୍ଯ୍ୟକ୍ରମରେ ଖଣ୍ଡିଆରୀପୁର, ଜିତିକାର ସୁଆଁଲୋ, ଅଣ୍ଡିଲୋ, ଚନ୍ଦ୍ରଶେଖରପୁର, ଜୋହଳ, ବାଗଧରାପୁର, ପାଣ୍ଡରା, ପାଟପୁର, ଜରିପାଟଣା ଆଦି ଲଉଡ଼ି ଲୋକନୃତ୍ୟ ଦଳ ଲଉଡି ଖେଳ ଓ ରାମତାଳି ପରିବେଷଣ କରିଥିଲେ।

ଏହି କାର୍ଯ୍ୟକ୍ରମକୁ ଉତ୍କଳ ଯାଦବ ମହାସଭା ସାଂସ୍କୃତିକ ସେଲ୍‌ର ସଂଯୋଜକ ଲକ୍ଷ୍ମୀଧର ବେହେରା, ପଦ୍ମଲୋଚନ ବେହେରା, ସନ୍ତୋଷ କୁମାର ବେହେରା, ଅଶୋକ କୁମାର ବେହେରା, ସନାତନ ବେହେରା, ଚନ୍ଦ୍ରଶେଖର ଜେନା ଓ ଗ୍ରାମବାସୀ ପରିଚାଳନା କରିଥିଲେ। ପରିଶେଷରେ ପ୍ରତ୍ୟେକ କଳାକାରଙ୍କୁ ଉତ୍ତରୀୟ, ଘଣ୍ଟି, ଘାଗୁଡ଼ି ପ୍ରଦାନ ସହ ଭୋଗହାଣ୍ଡି ସମର୍ପଣ କରାଯାଇ କାର୍ଯ୍ୟକ୍ରମ ସମାପନ କରାଯାଇଥିଲା।

ଆଉଟ ସୋର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ

ଭୁବନେଶ୍ୱର,୧୫।୪ (ମହାଭାରତ): କ୍ୟାପିଟାଲ ହସ୍ପିଟାଲରେ ହନ୍ତସନ୍ତ ହେଉଛନ୍ତି ରୋଗୀ ଓ ତାଙ୍କ ପରିବାର। କାରଣ ବିଭିନ୍ନ ସେବା ଯୋଗାଉଥିବା କର୍ମଚାରୀମାନେ କାମ ଛାଡି ଆନ୍ଦୋଳନ କରୁଛନ୍ତି। ସେମାନଙ୍କ ଅଭିଯୋଗ, ଯେଉଁ ଆଉଟ୍ ସୋର୍ସିଂ ସଂସ୍ଥା ସେମାନଙ୍କୁ କାମରେ ଲଗାଇଛନ୍ତି । ଠିକ୍ ସମୟରେ ଦରମା ଦେଉନାହାନ୍ତି । ତେଣୁ ଦରମା ନଦେଲେ କାମ କରିବୁ ନାହିଁ ବୋଲି ରୋକଠୋକ୍ ଶୁଣାଇ ଦେଇଛନ୍ତି, ଆଟେଣ୍ଡାଂଟ, ସଫେଇ କର୍ମଚାରୀ ଓ ସିକ୍ୟୁରିଟି ଗାର୍ଡ। ରୋଗୀଙ୍କୁ ଷ୍ଟ୍ରେଚର କିମ୍ବା ହ୍ୱିଲ ଚେୟାରରେ ନେବା ଆଣିବା ପାଇଁ କ୍ୟାପିଟାଲ ହସ୍ପିଟାଲରେ ନିୟୋଜିତ ଅଛନ୍ତି ଆଟେଣ୍ଡାଂଟ। କିନ୍ତୁ ବିଡମ୍ବନାର କଥା ଦରମା ନପାଇବାରୁ ଏମାନେ କାମ ବନ୍ଦ କରିଦେଇଛନ୍ତି। କେବଳ ଆଟେଣ୍ଡାଂଟ ନୁହେଁ କ୍ୟାପିଟାଲ ହସ୍ପିଟାଲର ସଫେଇ କର୍ମଚାରୀ ଓ ସିକ୍ୟୁରୁଟି ଗାର୍ଡ ବି କରିଛନ୍ତି ବିକ୍ଷୋଭ। ଶୁକ୍ରବାର ବିଳମ୍ବିତ ରାତିରେ ଜଣେ ରୋଗୀଙ୍କ ସମ୍ପର୍କୀୟ ସିକ୍ୟୁରିଟି ଗାର୍ଡଙ୍କୁ ମାଡ ମାରିଥିବା ଅଭିଯୋଗ ହୋଇଛି । ଆଉଟସୋର୍ସିଂ ସଂସ୍ଥା ଦରମା ଦେବାକୁ ବିଳମ୍ବ କରିବା ସହ କର୍ମଚାରୀଙ୍କ ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା କରୁନଥିବାରୁ ଠିକା ସଂସ୍ଥା ବିରୋଧରେ ଧାରଣା ଦେଇଛନ୍ତି ଶତାଧିକ କର୍ମଚାରୀ। ସମସ୍ୟାର ସମାଧାନ ପାଇଁ ଠିକା ସଂସ୍ଥାର ପରିଚାଳକ ଘଟଣାସ୍ଥଳରେ ପହଂଚିଲା ବେଳକୁ ତାଙ୍କୁ ବି ଘେରିଯାଇଥିଲେ ଆନ୍ଦୋଳନକାରୀ। ଶେଷରେ ସ୍ଥିତିକୁ ନିୟନ୍ତ୍ରଣ କରିଥିଲା ପୋଲିସ। 'ପ୍ରଥମେ ଦରମା ଦିଅ ତାପରେ କାମ କରିବୁ' ଏହି ଜିଦରେ ଅଟଳ ଥିଲେ କର୍ମଚାରୀ। ତେବେ ଦରମା ଦେବାରେ କାହିଁକି ବିଳମ୍ବ ହେଉଛି ଏନେଇ ଠିକା ସଂସ୍ଥାର ଅଧିକାରୀଙ୍କୁ ପଚାରିବାରୁ ମେଡିକାଲ କର୍ତ୍ତୃପକ୍ଷଙ୍କ ଉପରେ ଦୋଷ ଲଦିବାକୁ ଚେଷ୍ଟା କରିଛନ୍ତି। ଅନ୍ୟପଟେ ଠିକା ସଂସ୍ଥାର ଅବହେଳା ପାଇଁ ଏଭଳି ସମସ୍ୟା ଉପୁଜୁ ଥିବା କହିଛନ୍ତି କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷ।

ଆପ୍ ପକ୍ଷରୁ 'ସମ୍ବିଧାନ ବଞ୍ଚାଅ ଓ ତାନାଶାହୀ ହଟାଅ' ଦିବସ ପାଳିତ

ଭୁବନେଶ୍ୱର,୧୫।୪ (ମହାଭାରତ): ଆଜି ହେଉଛି ସମ୍ବିଧାନ ପ୍ରଣେତା ଡ.ବାବାସାହେବ ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀ। ଏହି ଅବସରରେ ଆମ୍ ଆଦ୍ମୀ ପାର୍ଟି ସାରାଦେଶରେ ପାଳନ କରୁଛି 'ସମ୍ବିଧାନ ବଞ୍ଚାଅ ଓ ତାନାଶାହୀ ହଟାଅ' ଦିବସ। ଏହି ପରିପ୍ରେକ୍ଷିରେ ଆମ୍ ଆଦ୍ମୀ ପାର୍ଟି, ଓଡ଼ିଶା ଭୁବନେଶ୍ୱର ସ୍ଥିତ ଲୋୟେର ପି.ଏମ.ଜି ଠାରେ 'ସମ୍ବିଧାନ ବଞ୍ଚାଅ, ତାନାଶାହୀ ହଟାଅ' ଦିବସ ପାଳନ କରିଛି। ଡ.ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସାମ୍ପ୍ରତିକ ପରିସ୍ଥିତି ରେ ଦେଶରେ ମୋଦି ସରକାର ଯେଉଁଭଳି ଭାବରେ ଅଘୋଷିତ ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି କରିଛନ୍ତି ଏବଂ ଗଣତନ୍ତ୍ର କୁ ପ୍ରତ୍ୟେକ ଦିନ ହତ୍ୟା କରୁଛନ୍ତି ସେ ବିଷୟ ରେ ସେ ସମସ୍ତ କର୍ମୀ ମାନଙ୍କୁ ଅବଗତ କରାଇଥିଲେ ଆବାହକ ଶ୍ରୀ ନିଶିକାନ୍ତ ମହାପାତ୍ର। ଆଜି ଦେଶରେ

ସମସ୍ତ ନିରପେକ୍ଷ ସାମ୍ବିଧାନିକ ସଂସ୍ଥାକୁ ମୋଦି ସରକାର ଦୁର୍ବଳ କରିବାକୁ ଲାଗିଛନ୍ତି ବୋଲି କହିଛନ୍ତି ନିଶିକାନ୍ତ।

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦମୀ ପାର୍ଟିର ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜରିୱାଲଙ୍କୁ ମିଥ୍ୟା ଆରୋପରେ ଗିରଫ କରାଯାଇଛି। ଏଥି ସହିତ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ହେମନ୍ତ ସୋରେନ ମଧ୍ୟ ଗିରଫ ହୋଇଛନ୍ତି। ଅନ୍ୟ ବିରୋଧୀ ନେତା ମାନଙ୍କୁ କିମ୍ବା ସମ୍ପର୍କୀୟ ମାନଙ୍କୁ ମଧ୍ୟ ଇଡି ଲଗାଇ ଗିରଫ କିମ୍ବା ଭୟଭୀତ କରାଯାଉଅଛି। ଆଶ୍ଚର୍ଯ୍ୟଜନକ ଭାବରେ ଯେଉଁ ଦୁର୍ନୀତି ଆରୋପୀ ମାନେ ବିଜେପିରେ ଯୋଗ ଦେଉଛନ୍ତି ସେମାନେ ଆରୋପ ମୁକ୍ତ ହୋଇ ପୁରସ୍କୃତ ହୋଇ ନିର୍ବାଚନ ଲଢୁଛନ୍ତି । ଦେଶକୁ ବିରୋଧୀ ଶୂନ୍ୟ କରିବାରେ ମୋଦି ସରକାର ଲାଗିଛନ୍ତି । ତେଣୁ ଏହି ସମୟ ରେ ଅବାଧ ନିର୍ବାଚନ ହେବା ଏବଂ ଗଣତନ୍ତ୍ର ସୁରକ୍ଷିତ ରହିବା ନେଇ ଏକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି କହିଛନ୍ତି ନିଶିକାନ୍ତ।

ତିନି ଦଳର ପ୍ରାର୍ଥୀଙ୍କ ପ୍ରଚାର ଜୋରଦାର

ଭୁବନେଶ୍ୱର, ୧୫।୪ (ମହାଭାରତ): ଭୁବନେଶ୍ୱର ଲୋକସଭା ଆସନରେ ବିଗ ଫାଇଟ୍ । କିଏ ଦଖଲ କରିବ ଭୁବନେଶ୍ୱର ଲୋକସଭା ଆସନ। ୩ ପ୍ରମୁଖ ଦଳ ପ୍ରାର୍ଥୀ ଘୋଷଣା କରିସାରିଛନ୍ତି। ବିଜେପି ସାଂସଦ ପ୍ରାର୍ଥୀ ଅପରାଜିତା ଷଡଙ୍ଗୀ ଏବଂ ବିଜେଡି ପ୍ରାର୍ଥୀ ମନ୍ମଥ ରାଉତରାୟଙ୍କ ସହ ଟକ୍କର ଦେବେ କଂଗ୍ରେସ ପ୍ରାର୍ଥୀ ୟାସିର ନଓ୍ୱାଜ। ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ କଂଗ୍ରେସ ଯୁବନେତା ୟାସିର ନଓ୍ୱାଜ୍‌ଙ୍କୁ ପ୍ରାର୍ଥୀ ଘୋଷଣା କରିବା ପରେ ଲଢେଇର ଚିତ୍ର ସ୍ପଷ୍ଟ ହୋଇଛି। ଗତ ନିର୍ବାଚନରେ କଂଗ୍ରେସ ଏଠାରେ ପ୍ରାର୍ଥୀ ନଦେଇ ସିପିଆଇଏମ୍ ପ୍ରାର୍ଥୀ ଜନାର୍ଦ୍ଦନ ପତିଙ୍କୁ ସମର୍ଥନ ଜଣାଇଥିଲା। ୧୦ ବର୍ଷ ପରେ କଂଗ୍ରେସ ପ୍ରାର୍ଥୀ ଦେଇଥିବାରୁ ଏଥର ଜୋର୍ ଦାର୍ ଲଢେ ହେବ ବୋଲି କୁହାଯାଉଛି। ୨୦୨୦ ମସିହାରୁ ୟାସରି ଛାତ୍ର କଂଗ୍ରେସର ସଭାପତି ରହିଛନ୍ତି। ୨୦୧୯ ମସିହାରେ ବିଜେପିରୁ ଅପରାଜିତା ଷଡ଼ଙ୍ଗୀ ଓ ବିଜେଡିରୁ ଅରୂପ ପଟ୍ଟନାୟକ ପ୍ରାର୍ଥୀ ହୋଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ଦେଇନଥିଲା। କଂଗ୍ରେସ ସମର୍ଥିତ ସିପିଆଇଏମ୍ ପ୍ରାର୍ଥୀ ଜନାର୍ଦ୍ଦନ ପତି ମାତ୍ର ୨୩ ହଜାର ୨୬ ଖଣ୍ଡ ଭୋଟ୍ ପାଇଥିଲେ। ୧୦ ବର୍ଷ ପରେ କଂଗ୍ରେସ ପ୍ରାର୍ଥୀ ଦେଇଥିବାରୁ ଏଥର ଜୋର୍ ଦାର୍ ଲଢେ ହେବ ବୋଲି କୁହାଯାଉଛି। ଅପରାଜିତାସାଂସଦ ଭାବରେ ତାଙ୍କ ୫ ବର୍ଷର କାମକୁ ଆୟୁଧ କରି ନିର୍ବାଚନ ଲଢୁଛନ୍ତି। ବିଜେଡି କଂଗ୍ରେସର ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ପୁଅ ମନ୍ମଥଙ୍କୁ ପ୍ରାର୍ଥୀ କରିଛି। ଆଉ ଏମାନଙ୍କ ସହ ଲଢିବା ପାଇଁ ଛାତ୍ରକଂଗ୍ରେସ ରାଜ୍ୟ ସଭାପତି ୟାସିର ନଓ୍ୱାଜଙ୍କ ନାମ ଘୋଷଣା କରିଛି।

ଅଧିକ ଭଡ଼ା ନେଉଛନ୍ତି ଘରୋଇ ବସ୍

ଭୁବନେଶ୍ୱର,୧୫।୪ (ମହାଭାରତ): ସରକାରୀ ଭାବେ ଧାର୍ଯ୍ୟ ଭଡ଼ା ଠାରୁ ବହୁ ଅଧିକ ଭଡ଼ା ନେଉଛନ୍ତି ଘରୋଇ ବସ୍।ଏସି, ଡିଲକ୍ସ ଏସି ଓ ଡିଲକ୍ସ ଏସି ସ୍ଲିପର ବସରେ ଯାତ୍ରା ବେଳେ ଶୋଷଣର ଶିକାର ହେଉଛନ୍ତି ଯାତ୍ରୀ। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଯାତ୍ରୀମାନେ ଏସି ବସ୍ରୁ ଅଧିକ ପସନ୍ଦ କରୁଛନ୍ତି। ବିଭିନ୍ନ ପର୍ବପର୍ବାଣି ସମୟରେ ବହୁ ଯାତ୍ରୀ ଘରମୁହାଁ ହେଉଥିବା ବେଳେ ଏହାର ଫାଇଦା ନେଇ ବସ୍ ମାଲିକ ଓ କର୍ମଚାରୀ ମନଇଚ୍ଛା ଭଡ଼ା କଷୁଛନ୍ତି। ବସ୍ କଣ୍ଡକ୍ଟର ବା ତାଙ୍କ ଦ୍ୱାରା ନିଯୁକ୍ତ ଟିକଟ କାଉଣ୍ଟର କର୍ମଚାରୀଙ୍କ ପାଟିରୁ ଯାହା ବାହାରିଲା ତାହା ହିଁ ଭଡ଼ା। ନହେଲେ ଟିକଟ ମିଳିବା କଷ୍ଟ। ବିଭିନ୍ନ ବସରେ ଯାତ୍ରା ନିମନ୍ତେ ସରକାର ଭଡ଼ା ଧାର୍ଯ୍ୟ କରିଛନ୍ତି। ସମସ୍ତ ବସରେ ଭଡ଼ାର ସାରଣୀ (ରେଟ୍ ଚାର୍ଟ) ଲଗାଇବା ପାଇଁ ନିୟମ ମଧ୍ୟ ରହିଛିୟ ହେଲେ ଅନେକ ବସରେ ରେଟ୍ ଚାର୍ଟ ଲଗାଯାଉନାହିଁ।

ସରକାରୀ ଭାବେ ନିର୍ଦ୍ଧାରିତ ହୋଇଥିବା ବସ୍ ଭଡ଼ା ଅନୁଯାୟୀ, ଏକ୍ସପ୍ରେସ୍ ବସ୍ ମଧ୍ୟରେ ଷ୍ଟାଣ୍ଡାର୍ଡ଼ ଏସି ପାଇଁ

ନ୍ୟାୟପାଳିକା ଉପରେ ଚାପ

ନିକଟରେ ଦେଶର ୬୦୦ ଆଇନଜୀବୀ ସୁପ୍ରିମକୋର୍ଟର ପ୍ରଧାନବିଚାରପତିଙ୍କୁ ପତ୍ର ଲେଖି ନ୍ୟାୟପାଳିକା ଉପରେ ଚାପ ସୃଷ୍ଟି ନେଇ ଉଦବେଗ ପ୍ରକାଶ କରିବା ସହିତ ଏହାର ପ୍ରତିକାର ବ୍ୟବସ୍ଥା କରିବାକୁ ନିବେଦନ କରିଛନ୍ତି । ବିଶେଷ କରି ଦୁର୍ନୀତି ମାମଲାରେ ନ୍ୟାୟାଳୟ ଉପରେ ଚାପ ସୃଷ୍ଟି ନିମନ୍ତେ ବରାବର ଉଦ୍ୟମ ହେଉଛି । କିଛି ନେତା, ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଦୁର୍ନୀତି ଅଭିଯୋଗରେ ଗିରଫ ହେଉଥିବା ବେଳେ ଏହାକୁ ରାଜନୈତିକ ଷଡ଼ଯନ୍ତ୍ର ଆଖା ଦିଆଯାଇ ସମ୍ପୃକ୍ତ ନେତାଙ୍କୁ ମୁକୁଳାଇବାକୁ ନ୍ୟାୟାଳୟ ଉପରେ ଚାପ ପକାଯାଉଛି । ଉଦାହରଣ ସ୍ୱରୂପ କିଛି ଦିନ ତଳେ ଇଡି ଦ୍ୱାରା ଗିରଫ ହୋଇଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ଗିରଫଦାରୀକୁ ବିରୋଧ କରି ଆପ ପକ୍ଷରୁ ସାରା ଦେଶରେ ବିକ୍ଷୋଭ ଚାଲିଥିବା ବେଳେ ମିଳିତ ବିରୋଧୀ ଦଳ ପକ୍ଷରୁ ଆସନ୍ତା ୩୧ରେ ଏହା ବିରୋଧରେ ଦେଶବ୍ୟାପୀ ସମାବେଶ ଲାଗି ନିଷ୍ପତ୍ତି ନିଆଯାଇଛି । ବିରୋଧୀ ଦଳର ଅଭିଯୋଗରୁ ଏଭଳି ମନେ ହେଉଛି ସତେ ଯେମିତି ଦେଶରେ ଜରୁରୀ ପରିସ୍ଥିତି ଜାରି ହୋଇଛି ଏବଂ ମିଶାରେ କେଜରିୱାଲ ତଥା ଅନ୍ୟ ନେତାଙ୍କୁ ଗିରଫ କରାଯାଇଛି । ବାସ୍ତବ କଥା ହେଲା ମଦ ଦୁର୍ନୀତି ମାମଲାର ତଦନ୍ତ କରୁଥିବା ଇଡି କେଜରିୱାଲଙ୍କ ବିରୋଧରେ ଠୋସ ପ୍ରମାଣ ପାଇଥିବାରୁ ତାଙ୍କୁ ଗିରଫ କରିଛି । ଏହା ଏକ ଅପରାଧିକ ମାମଲା । ଏହା ପଛରେ ରାଜନୈତିକ ଷଡ଼ଯନ୍ତ୍ରର ସୁଯୋଗ ନାହିଁ । ଇଡି ପକ୍ଷରୁ କେଜରିୱାଲଙ୍କୁ ଏହି ମାମଲାରେ ଜେରା ପାଇଁ ୯ ଥର ସମନ ଜାରି କରାଯାଇଥିଲା । କିନ୍ତୁ ଜଣେ ମୁଖ୍ୟମନ୍ତ୍ରୀ ହୋଇ ମଧ୍ୟ ସେ ଆଇନ ବ୍ୟବସ୍ଥା ପ୍ରତି ସମ୍ମାନ ପ୍ରଦର୍ଶନ କଲେ ନାହିଁ ଏବଂ ଇଡି ଆଗରେ ହାଜର ହେଲେ ନାହିଁ । ତେଣୁ ତାଙ୍କୁ ଗିରଫ କରିବା ବ୍ୟତିତ ଅନ୍ୟ ପନ୍ଥା ନଥିଲା । ମୁଖ୍ୟମନ୍ତ୍ରୀ ବୋଲି ତାଙ୍କୁ ଦୁର୍ନୀତି ଅଭିଯୋଗରୁ ମାଫ କରାଯିବ, ସେଭଳି ଆଶା କରିବା ଅନୁଚିତ । ଆଇନ ଆଖିରେ ସମସ୍ତେ ସମାନ । ଯଦି କେଜରିୱାଲ ନିର୍ଦ୍ଦୋଷ ହୋଇଥିବେ ତେବେ କୋର୍ଟ ତାଙ୍କୁ ଦୋଷମୁକ୍ତ କରିବେ । ବିନା ପ୍ରମାଣରେ କୋର୍ଟ ତାଙ୍କୁ ଦଣ୍ଡିତ କରିପାରିବ ନାହିଁ । ଯଦି ତାଙ୍କ ବିରୋଧରେ ଅଭିଯୋଗର ପ୍ରାଥମିକ ପ୍ରମାଣ ନାହିଁ, ତେବେ କୋର୍ଟ ତାଙ୍କୁ କାହିଁକି ଜାମିନ ପ୍ରଦାନ କରୁନାହିଁ ? ନିଶ୍ଚିତ ଭାବେ ତାଙ୍କ ବିରୋଧରେ ଅଭିଯୋଗର ପ୍ରମାଣ କୋର୍ଟ ଅନୁଭବ କରିଛନ୍ତି । ଏବେ ଅଦାଲତ ନିଷ୍ପତ୍ତି ନେବେ କେଜରିୱାଲ ଦୋଷୀ ନା ନିର୍ଦ୍ଦୋଷ । ଏଥିରେ ରାଜନୀତିର ଆଉ ସୁଯୋଗ ନାହିଁ । କିନ୍ତୁ କଂଗ୍ରେସ ନେତୃତ୍ୱରେ ମିଳିତ ବିରୋଧୀ ଦଳ ଏହାକୁ ଏକ ରାଜନୈତିକ ଏବଂ ନିର୍ବାଚନୀ ପ୍ରସଙ୍ଗ କରି ଏଥିରୁ ରାଜନୈତିକ ଫାଇଦା ହାସଲ ଲାଗି ଉଦ୍ୟମ କରୁଛନ୍ତି । ଏକଥା ସତ ଯେ, କେଜରିୱାଲ ଏ ପର୍ଯ୍ୟନ୍ତ ଦୋଷୀ ସାବ୍ୟସ୍ତ ହୋଇ ନାହାଁନ୍ତି । କିନ୍ତୁ ସେ ଏବେ ଜଣେ ଅଭିଯୁକ୍ତ । କୋର୍ଟର କାଠଗଡ଼ାରେ ଠିଆ ହୋଇଛନ୍ତି । ତାଙ୍କ ସମର୍ଥନରେ ବିରୋଧୀ ଦଳ ରାଜରାସ୍ତାକୁ ଓହ୍ଲାଇବା ଦୁର୍ଭାଗ୍ୟଜନକ । ବିରୋଧୀ ଦଳ କୋର୍ଟ ଉପରେ ଭରସା ରଖିବା ଉଚିତ । ରାସ୍ତାରେ ଚିତ୍କାର କରି ଜଣେ ଅଭିଯୁକ୍ତଙ୍କ ମୁକ୍ତି ନିମନ୍ତେ ନ୍ୟାୟାଳୟ ଉପରେ ଚାପ ପକାଇବାକୁ ଉଦ୍ୟମ କରିବା ଦୁର୍ଭାଗ୍ୟଜନକ । କେବଳ କେଜରିୱାଲଙ୍କ ଗିରଫ ପ୍ରସଙ୍ଗ ନୁହେଁ, ଯେତେବେଳେ ବି ଯେଉଁ ନେତା ବନ୍ଧା ହୋଇଛନ୍ତି, ତାଙ୍କ ସମର୍ଥନରେ ରାଜରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏଥିନେଇ ଦେଶର ୬୦୦ ଆଇନଜୀବୀ ପ୍ରଧାନ ବିଚାରପତିଙ୍କ ନିକଟକୁ ପତ୍ର ଲେଖି ଉଦବେଗ ପ୍ରକାଶ କରିବାର ଯଥାର୍ଥତା ରହିଛି । ଏହାକୁ ହାଲୁକାଭାବେ ଗ୍ରହଣ କରାଯିବା ଅନୁଚିତ । ବିରୋଧୀ ଦଳ ଏହା ଉପରେ ଆତ୍ମସମୀକ୍ଷା କରିବା ଉଚିତ ।

ଦୋଦୁଲ୍ୟମାନ ଏର୍ଦୋଗାନ

॥ ସୌମେନ୍ଦ୍ର ଜେନା ॥

> ଦେଶ ଭିତରେ ଏବେ ଏର୍ଦୋଗାନଙ୍କ ସପକ୍ଷରେ ସମର୍ଥନ ନାହିଁ । ତାର କାରଣ ହେଲା ୨୦୧୯ରେ ସହରାଞ୍ଚଳ ନିର୍ବାଚନରେ ଏର୍ଦୋଗାନଙ୍କ ଦଳ ଏକେପିର ପରାଜୟ । ପ୍ରମୁଖ ସହର ଆଙ୍କରା ଏବଂ ଇସ୍ତାନବୁଲରେ ଏର୍ଦୋଗାନଙ୍କ ମେଣ୍ଟ ପିପୁଲ୍ସ ଆଲାଏନ୍ସ ପରାଜିତ ହୋଇଥିଲା । ଦୁଇଟିଯାକ ସହରରେ ବିରୋଧୀ ନେସନାଲ ଏଲାଏନ୍ସର ପ୍ରାର୍ଥୀ ବିଜୟୀ ହୋଇଥିଲେ । ଏର୍ଦୋଗାନଙ୍କ ସହଯୋଗୀ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଅହମତ ଡାଭୁଟୋଗ୍ଲୁ ନିଜର ଏକ ଦଳ ଫ୍ୟୁଚର ପାର୍ଟି ୨୦୧୯ ଡିସେମ୍ବରରେ ଗଢିଲେ । ସେମିତି ଏର୍ଦୋଗାନଙ୍କ ସହଯୋଗୀ ଥିବା ଅଲି ବାବାକାନ ଦେବାପାର୍ଟି ଗଢିଛନ୍ତି । ତୁର୍କୀର ଆର୍ଥିକ ଜଗତରେ ବାବାକାନଙ୍କୁ ସବୁଠୁ ବଡ ବ୍ୟକ୍ତିତ୍ୱ ଭାବେ ଗଣାଯାଇଥାଏ । ବାବାକାନ୍‌ଙ୍କ ଦଳରେ ୩୦ ପ୍ରତିଶତ ସଂରକ୍ଷଣ ମହିଳାଙ୍କ ପାଇଁ ରଖିବା ସପକ୍ଷରେ ତୁର୍କୀ ମହିଳା ଉଦ୍ୟୋଗୀ ସଂଗଠନର ପ୍ରତିଷ୍ଠାତ୍ରୀ ସାନେମ୍ ଓକ୍‌ତାର ଯୁକ୍ତି ବାଢିଛନ୍ତି । ଗଣତନ୍ତ୍ର, ସ୍ୱାଧୀନତା, ସମାନତା ଆଦି ଆଭିମୁଖ୍ୟ ନେଇ ଦଳ ତୁର୍କୀର ଜନତାଙ୍କୁ ଆକୃଷ୍ଟ କରିବ ଏବଂ ଏର୍ଦୋଗାନଙ୍କ ଶାସନର ଅନ୍ତ ଘଟିବ ବୋଲି ସେ କହନ୍ତି । ତୁର୍କୀର ଶାସକଦଳ ଏକେପି ଗତ ଦୁଇଦଶନ୍ଧି ହେଲା କ୍ଷମତାରେ ରହିବା ଫଳରେ ଏର୍ଦୋଗାନ କ୍ଷମତାର କେନ୍ଦ୍ରୀକରଣ କରି ନିଜ ପରିବାର ଲୋକଙ୍କୁ ଥଇଥାନ କରିଛନ୍ତି ବୋଲି ଅନ୍ୟମାନେ ଅଭିଯୋଗ କରୁଛନ୍ତି । ସେହିପରି ଦୁର୍ନୀତି ଅଭିଯୋଗ ଆଣି ଏର୍ଦୋଗାନଙ୍କ ସହଯୋଗୀ ଅବଦୁଲ୍ଲାତିଫ ସେନେର ପୂର୍ବରୁ ଦଳ ଛାଡି ଅନ୍ୟ ଏକ ଦଳ ତୁର୍କୀ ପାର୍ଟି ଗଠନ କରିଥିଲେ । ଏର୍ଦୋଗାନଙ୍କ ଗଡଭାବେ ପରିଚିତ ଇସ୍ତାନବୁଲର ଉସ୍କୁଦାର ଜିଲ୍ଲା ମଧ୍ୟ ଏକେପି ହାତରୁ ଖସିବାରେ ଲାଗିଛି । ଦେଶରେ ୨୦୨୩ରେ ନିର୍ବାଚନ ହେବାକୁ ରହିଛି । ୨୦୦୩ରୁ ପ୍ରଧାନମନ୍ତ୍ରୀ ଏବଂ ପରେ ରାଷ୍ଟ୍ରପତି ପଦରେ ଏର୍ଦୋଗାନ ରହିଆସିଛନ୍ତି । ଏର୍ଦୋଗାନଙ୍କ ଜଷ୍ଟିସ ଏଣ୍ଡ ଡେଭଲପମେଣ୍ଟ ପାର୍ଟି ଏବେ ସବୁଆଡୁ ସମାଲୋଚନାର ସମ୍ମୁଖୀନ ହେବାରେ ଲାଗିଛି । କାରଣ ଗତ ୧୦ ବର୍ଷରେ ଡଲାର ତୁଳନାରେ ତୁର୍କୀର ମୁଦ୍ରା ଲିରା ୭୫ଭାଗ ମୂଲ୍ୟ ହରାଇଛି । ଦେଶରେ ମୂଲ୍ୟ ବୃଦ୍ଧି ୫୦ ପ୍ରତିଶତ ବଢିଛି । ଗତ ଏକବର୍ଷ ମଧ୍ୟରେ ଲିରା ୪୫ ପ୍ରତିଶତ ମୂଲ୍ୟ ହରାଇଛି । ଦେଶରେ ମୁଦ୍ରାସ୍ଫିତି ୨୧.୩ ପ୍ରତିଶତ ବଢିଛି । ଏର୍ଦୋଗାନଙ୍କ ଚାପରେ ତୁର୍କୀର ବ୍ୟାଙ୍କ ସୁଧହାର ୧୯ ପ୍ରତିଶତରୁ ୧୫ ପ୍ରତିଶତକୁ ହ୍ରାସ କରିଛି । ଫଳରେ ଡଲାର ପିଛା ଲିରା ୧୪ରେ ପହଞ୍ଚିଛି । ତେଣୁ ସେଣ୍ଟ୍ରାଲ ବ୍ୟାଙ୍କ ମୁଖ୍ୟ ଦାୟିତ୍ୱରେ ଥିବା ନାସି ଅଗବଲଙ୍କ ସ୍ଥାନରେ ସାହାପ କାଭାସିଏଗ୍ଲୁଙ୍କୁ ନିଯୁକ୍ତ କରାଯାଇଛି ।

କହିବାକୁ ଗଲେ ୨୦୦୨ ନିର୍ବାଚନ ଠାରୁ ଆଜି ପର୍ଯ୍ୟନ୍ତ ଏକେପି ଦଳର ଆର୍ଥିକ ନୀତିକୁ ଏର୍ଦୋଗାନ ହିଁ ପରିଚାଳନା କରି ଆସୁଛନ୍ତି । ଦେଶର କମ୍ ସଞ୍ଚୟ ଯୋଗୁ ସମସ୍ୟା ବଢିଛି । ତୁର୍କୀର ଚଳନ୍ତି ଜମାଖାତାର ନିଅଣ୍ଟ ପରିମାଣ ୨୦୧୬ରେ ୩୩.୧ ବିଲିଅନ ଡଲାର, ୨୦୧୭ରେ ୪୭.୩ ବିଲିଅନ ଡଲାର, ୨୦୧୮ରେ ୫୧.୬ ବିଲିଅନ ଡଲାର ଥିଲା । ପ୍ରତିବର୍ଷ ଏହି ନିଅଣ୍ଟ ପରିମାଣର ଭରଣା ପାଇଁ ତୁର୍କୀକୁ ୨୦୦ ବିଲିଅନ ଡଲାର ଆବଶ୍ୟକ ହୋଇଥାଏ । କିନ୍ତୁ ବିଦେଶୀ ମୁଦ୍ରା ଭଣ୍ଡାର ମାତ୍ର ୮୫ ବିଲିଅନ ଡଲାରରେ ସୀମିତ ରହିଛି । ବାହାର ଦେଶ ଜର୍ମାନୀ, ଫ୍ରାନ୍ସ ଏବଂ ନେଦରଲ୍ୟାଣ୍ଡରୁ ତୁର୍କୀକୁ ଆସୁଥିବା ଅର୍ଥ ହ୍ରାସ ପାଇଛି ।ଏହାର କାରଣ ପଛରେ ନିଜେ ଏର୍ଦୋଗାନ ରହିଛନ୍ତି । ତାଙ୍କର ଏକାଧିପତ୍ୟ ମନୋଭାବ ଯୋଗୁ ୨୦୧୬ରେ ତଥାକଥିତ ସେନା ବିଦ୍ରୋହକୁ ଆଳକରି ସେ ଅନେକ ସଂପତ୍ତିକୁ ଜବତ କରିଦେଲେ, ଯାହାର ସେହି ଘଟଣାସହ କୌଣସି ସଂପର୍କ ନଥିଲା । ତୁର୍କୀର ଏହି ରାଜନୈତିକ ଅସ୍ଥିରତା ଯୋଗୁ ଅନେକ ବିଦେଶୀ କମ୍ପାନୀ ସେଠାରେ ପୁଞ୍ଜିନିବେଶ କରିବାକୁ ଚାହୁଁନାହାନ୍ତି । ଜାନୁଆରୀ -ମଇ ୨୦୧୭ରେ ବିଦେଶୀ ନିବେଶକମାନେ ତୁର୍କୀର ମୋଟ ୧୭.୫ ବିଲିଅନ ଜମା ନିଅଣ୍ଟରେ ୧୩.୨ ବିଲିଅନ ନିବେଶ କରିଥିଲେ । କିନ୍ତୁ ଠିକ୍ ସେହି ସମୟରେ ପରବର୍ଷ ୨୭.୩ ବିଲିଅନ ଡଲାର ନିଅଣ୍ଟିଆ କ୍ଷେତ୍ରରେ ମାତ୍ର ୭୩୬ ମିଲିଅନ ଡଲାର ନିବେଶ କରିଥିଲେ । ସେମିତି ୨୦୧୭ ବେଳକୁ ଦେଶର ବିଦେଶୀ ମୁଦ୍ରା ଋଣ ୨୧୪ ବିଲିଅନ ଡଲାରରେ ପହଞ୍ଚି ଯାଇଥିଲା । ୨୦୧୭ ଶେଷ ବେଳକୁ ତୁର୍କୀର ସରକାରୀ ଏବଂ ବେସରକାରୀ ଋଣ ମିଶି ୪୫୩.୨ ବିଲିଅନ ଡଲାର ହୋଇଥିଲା । ବିଦେଶୀ ଅଂଶଧନଧାରକଙ୍କ ଅଂଶ ଅଗଷ୍ଟ ୨୦୧୭ରେ ୯୨ ବିଲିଅନ ଡଲାର ଥିଲା ଯାହା ଜୁଲାଇ ୨୦୧୭ ବେଳକୁ ହ୍ରାସ ପାଇ ୫୩ ବିଲିଅନ ଡଲାରକୁ ଖସିଆସିଲା । ତୁର୍କୀର ମୋଟ ୨୨୪ ବିଲିଅନ ବିଦେଶୀ ଋଣ ମଧ୍ୟରେ ୮୩ ବିଲିଅନ ସ୍ୱେନର, ୩୫ ବିଲିଅନ ଫ୍ରାନ୍କର, ୧୮ ବିଲିଅନ ଇଟାଲୀର, ୧୭ବିଲିଅନ ବ୍ରିଟେନର, ୧୩ବିଲିଅନ ଜର୍ମାନୀ ବ୍ୟାଙ୍କର ରହିଛି । ଏବେ ଡଲାରର ମୂଲ୍ୟ ବୃଦ୍ଧି ପରେ ଏହି ଋଣର ପରିମାଣ ଢେର ବଢିଯିବ । ୩୧ମଇ ୨୦୧୮ରେ ଇନଷ୍ଟିଚ୍ୟୁଟ ଅଫ୍ ଫାଇନାନ୍ସିଆଲ ରିସର୍ଚ୍ଚ କର୍ତ୍ତୃପକ୍ଷ ଲିରାର ସମସ୍ୟା କିପରି ଲେବାନନ, କଲମ୍ବିଆ, ଦକ୍ଷିଣ ଆଫ୍ରିକା ଏବଂ ଉତ୍ତର ସିରିଆକୁ ପ୍ରଭାବିତ କରିଛି ସେ ସଂପର୍କରେ ସୂଚନା ଦେଇଥିଲେ । କ୍ରେଡିଟ ରେଟିଂ ଏଜେନ୍ସିଗୁଡିକ ବିରୋଧରେ ଏର୍ଦୋଗାନଙ୍କ ବାରମ୍ବାର ସମାଲୋଚନା ଯୋଗୁ ୧୯ ଜାନୁଆରୀ ୨୦୧୮ରେ ଫିଚ୍ ରେଟିଂସ ନିଜର ଇସ୍ତାନବୁଲରେ ଥିବା କାର୍ଯ୍ୟାଳୟ ବନ୍ଦ କରିଥିଲା । ସେହି ବର୍ଷ ୭ମାର୍ଚ୍ଚରେ ମୁଡି ସଂସ୍ଥା ମଧ୍ୟ ତୁର୍କୀକୁ ବିଦେଶୀ ଋଣ ପ୍ରଭାବିତ କରିବ ବୋଲି କହିଥିଲା । ଏପ୍ରିନରେ ତୁର୍କୀସେନାର କାର୍ଯ୍ୟାନୁଷ୍ଠାନ ଆମେରିକା ସଂପର୍କକୁ ଖରାପ କରିବ ବୋଲି କହିଥିଲା । ହେଲେ ଏର୍ଦୋଗାନ ସେ ସବୁ ଚେତାବନୀକୁ ଗୁରୁତ୍ୱ ଦେଲେ ନାହିଁ । ଚଳିତବର୍ଷ ୧୧ସେପ୍ଟେମ୍ବର ୨୦୨୧ରେ ରେଟିଂ ସଂସ୍ଥା ମୁଡି ତୁର୍କୀକୁ ବି -୨ ଶ୍ରେଣୀକୁ ଖସାଇଦେଲା । ୧୦ ଡିସେମ୍ବର ୨୦୨୧ରେ ଷ୍ଟାଣ୍ଡାର୍ଡ ଏଣ୍ଡ ପୁଅର୍ସ ସଂସ୍ଥା ତୁର୍କୀର ଆର୍ଥିକ ସ୍ଥିତି ଅଧିକ ଖରାପ ହେବ ବୋଲି କହିସାରିଛି । ୧୪ ଡିସେମ୍ବରରେ ସ୍ୱିଜରଲାଣ୍ଡର ବ୍ୟାଙ୍କ ୟୁବିଏସ୍ ନିଜ ଗ୍ରାହକଙ୍କ ପାଇଁ ଡଲାର - ଲିରାର ସୁବିଧାକୁ ବନ୍ଦ କଲା ।

ଏର୍ଦୋଗାନ କ୍ଷମତାକୁ ଆସିବା ବେଳେ ଲିରାର ମୂଲ୍ୟ ସହ ଡଲାରର ମୂଲ୍ୟ ସମାନ ଥିଲାବେଳେ ଏବେ ତାହା ହ୍ରାସ ପାଇ ଡଲାର ପିଛା ୧୨ ଲିରାକୁ ପହଞ୍ଚିଛି । ଡିସେମ୍ବର ୨୦୨୧ ତୃତୀୟ ସପ୍ତାହରେ ଏହା ୧୮.୪ ଲିରାକୁ ଖସିଯାଇଥିଲା । ଏହି ସ୍ଥିତିରେ ଲୋକେ ଲିରାକୁ ଡଲାରରେ ବଦଳାଇବା ଆରମ୍ଭ କରିଛନ୍ତି । କାରଣ ଲିରାର ମୂଲ୍ୟ ଅସ୍ଥିର ରହୁଛି । ଲୋକେ ବ୍ୟାଙ୍କଗୁଡିକ ଉପରେ ଭରସା କରିପାରୁନାହାନ୍ତି । ଏର୍ଦୋଗାନଙ୍କ ଭୁଲ ନୀତି ଯୋଗୁ ଏବେ ତାଙ୍କର ସ୍ଥିତି ଦୋଦୁଲ୍ୟମାନ ହୋଇଛି । ତୁର୍କୀରେ ଏର୍ଦୋଗାନଙ୍କ ଲୋକପ୍ରିୟତା ଇତି ମଧ୍ୟରେ ୩୦ପ୍ରତିଶତ ହ୍ରାସ ପାଇଛି । ଏହି ସ୍ଥିତି ଜାରି ରହିଲେ ତୁର୍କୀର ଆର୍ଥିକ ଭବିଷ୍ୟତ ସଙ୍କଟରେ ପଡିବ ।

କରୋନା ଲହର ଯୋଗୁ ପୃଥିବୀର ଅନେକ ଦେଶରେ ଜନଜୀବନର ଯେ କ୍ଷତି ହୋଇଛି ତା ନୁହେଁ ବିକାଶ ହୋଇଛି ବାଧାପ୍ରାପ୍ତ ଓ ଅର୍ଥନୀତି ହୋଇଛି ସଂକୁଚିତ । ବ୍ୟାଙ୍କର କାରବାର, ଖାଉଟୀ ବଜାରର ଦର ସବୁଠି ସୃଷ୍ଟି ହୋଇଛି ସଙ୍କଟ । ତେଣୁ ଗୋଟିଏ ପଟେ ସଟଡାଉନ ଓ ଲକ୍‌ଡାଉନର ଧାରା ଜାରି ରହିଥିବା ସମୟରେ ଅନ୍ୟପଟେ ଆର୍ଥିକ ପରିସ୍ଥିତିକୁ କେମିତି ସମ୍ଭାଳି ହେବ ତାହା ଏକ ବଡ ପ୍ରଶ୍ନ ହୋଇଛି । ଏହି ସବୁ ଆହ୍ୱାନ ମଧ୍ୟରେ ଅନେକ ଦେଶରେ ଶାସନରେ ଥିବା ଲୋକେ ପାଗଳାମୀ ଦ୍ୱାରା କିପରି ବ୍ୟବସ୍ଥାକୁ ଭାଙ୍ଗିବାର କାରଣ ହୋଇଥାନ୍ତି ତାର ଜ୍ୱଳନ୍ତ ଉଦାହରଣ ହେଲେ ତୁର୍କୀର ରାଷ୍ଟ୍ରପତି ରିସେପ ତୟିପ ଏର୍ଦୋଗାନ । ତାଙ୍କର ସଂକୀର୍ଣ୍ଣ ଦୃଷ୍ଟିକୋଣ, କ୍ଷମତା କୈନ୍ଦ୍ରିକ ବିଚାରଧାରା କିପରି ତୁର୍କୀର ଅର୍ଥ ବ୍ୟବସ୍ଥାକୁ ଏବେ ସଙ୍କଟାପନ୍ନ କରିଛି ତାହା ବେଶ୍ ସ୍ପଷ୍ଟ । କୋରୋନା ଯୋଗୁ ଉତ୍ପାଦନ, ଯୋଗାଣରେ ସବୁଠି ସମସ୍ୟା ସୃଷ୍ଟି ହୋଇଛି । ଶ୍ରମିକଙ୍କ ଅଭାବ, କଳକାରଖାନା ବନ୍ଦ ରହିବା, ଯାନବାହନ ଚଳାଚଳ ନକରିବା ଫଳରେ ସବୁ ଦେଶରେ ବାଣିଜ୍ୟ ହ୍ରାସ ହୋଇଛି । ଏହି ପରିସ୍ଥିତିକୁ ସମ୍ଭାଳିବା ପାଇଁ ଆମେରିକା ଡଲାରର ସୁଧହାର ବୃଦ୍ଧି କରିବା ସହ ଅଧିକ ନୋଟ ଛାପିଲା, ଭାରତ ଓ ଚୀନ ନିଜର ବିଦେଶୀ ମୁଦ୍ରା ଭଣ୍ଡାର ଖୋଲି ଖର୍ଚ୍ଚ କରିବାକୁ ଉଦ୍ୟମ କଲେ । ଅଥଚ ତୁର୍କୀର ରାଷ୍ଟ୍ରପତି ଏଠାର ଠିକ୍ ଓଲଟା ମାର୍ଗରେ ଯାଇ ନିଜ ଦେଶର ମୁଦ୍ରା ଲିରାକୁ ଇସଲାମ ଧର୍ମସହ ଯୋଡିଲେ । ସୁଧହାର ବୃଦ୍ଧିପାଇଁ ଇସ୍‌ଲାମ ଅନୁମତି ଦେଇନାହିଁ ବୋଲି କହି ସୁଧହାର ହ୍ରାସ କଲେ । ଆର୍ଥିକ ବଜାରରେ ସନ୍ତୁଳନ ଆଣିବା ପରିବର୍ତ୍ତେ ସେ ବଜାରକୁ ଭାଙ୍ଗିବା ଠିକ ମନେ କଲେ । କେବଳ ଏତିକି ନୁହେଁ ଗତ ଦୁଇବର୍ଷ ମଧ୍ୟରେ ସଙ୍କଟ କାଳରେ ସଂଯମତା ନରଖି ୧୬୫ ବିଲିଅନ ଡଲାର ହାତଖୋଲା ଖର୍ଚ୍ଚ କଲେ । ସିରିଆ ଠାରୁ ନାଗାର୍ଣ୍ଣୋ-କାରାବାଖ, କାଶ୍ମିରଠାରୁ କାବୁଲ ପର୍ଯ୍ୟନ୍ତ ସବୁଠି ତୁର୍କୀର ଜବରଦସ୍ତ ଭୂମିକା ରଖିବା ପାଇଁ ଉଦ୍ୟମ କଲେ । ନିଜକୁ ବର୍ତ୍ତମାନର ଅଟୋମନ ସାମ୍ରାଜ୍ୟର ଖଲିଫା ମନେକରି ବିଶ୍ୱବିଜୟୀ ହେବାକୁ ଚାହିଁଲେ । ଫଳରେ ଭାରତର ସବ୍‌ମେରିନ୍ ନିର୍ମାଣ ଦୌଡରୁ ତୁର୍କୀକୁ ବାଦ କରାଗଲା । ଲିବିୟା, ୟୁକ୍ରେନରେ ତୁର୍କୀର ଡ୍ରୋନ୍ ଯୋଗାଣକୁ ରୁଷିଆ ଭିନ୍ନ ଦୃଷ୍ଟିରେ ଦେଖି ବିରୋଧ କଲା । ସିରିଆରେ ତୁର୍କୀର ଆଭିମୁଖ୍ୟକୁ ଆମେରିକା ସରକାର ବିରୋଧ କଲେ । ନାଟୋର ସଦସ୍ୟ ରହିଥିବା ତୁର୍କୀକୁ ଆମେରିକା ସହାୟତାର ସମୀକ୍ଷା କରିବାକୁ କହିଲା । ମଧ୍ୟପ୍ରାଚ୍ୟର ସାଉଦି ଆରବ, ୟୁଏଇ, କାତାର ଆଦି ରାଷ୍ଟ୍ର ତୁର୍କୀର ଚୌଧୁରୀପଣିଆକୁ ବିରୋଧ କରିବାକୁ ଲାଗିଲେ । ଆର୍ମେନିଆ,ପର୍ତ୍ତୁଗାଲ ଓ ଗ୍ରୀସ ପରି ତୁର୍କୀର ଶତ୍ରୁ ରାଷ୍ଟ୍ରଗୁଡିକ ସହ ଭାରତର ମିତ୍ରତା ବୃଦ୍ଧି ଓ କ୍ଷେପଣାସ୍ତ୍ର ବିକ୍ରିନେଇ ଆଲୋଚନା ହେଲା । ଏସିଆ-ଇଉରୋପର ପ୍ରବେଶ ଦ୍ୱାର ଭାବେ ପରିଚିତ ତୁର୍କୀ ମଧ୍ୟ ଦେଇ ସଂଖ୍ୟାଧିକ ଶରଣାର୍ଥୀ ଇଉରୋପକୁ ପ୍ରବେଶ କରିବା ଉଦ୍ୟମକୁ ଇଉରୋପୀୟ ୟୁନିଅନ୍ ସମେତ ଅନେକ ରାଷ୍ଟ୍ରରେ ବିରୋଧ କରାଯିବା ଯୋଗୁ ଏର୍ଦୋଗାନଙ୍କ ବିଦେଶରେ ବନ୍ଧୁ ରାଷ୍ଟ୍ରଙ୍କ ସଂଖ୍ୟା ହ୍ରାସ ପାଇଲା ।

ଦେଶ ଭିତରେ ଏବେ ଏର୍ଦୋଗାନଙ୍କ ସପକ୍ଷରେ ସମର୍ଥନ ନାହିଁ । ତାର କାରଣ ହେଲା ୨୦୧୯ରେ ସହରାଞ୍ଚଳ ନିର୍ବାଚନରେ ଏର୍ଦୋଗାନଙ୍କ ଦଳ ଏକେପିର ପରାଜୟ । ପ୍ରମୁଖ ସହର ଆଙ୍କରା ଏବଂ ଇସ୍ତାନବୁଲରେ ଏର୍ଦୋଗାନଙ୍କ ମେଣ୍ଟ ପିପୁଲ୍ସ ଆଲାଏନ୍ସ ପରାଜିତ ହୋଇଥିଲା । ଦୁଇଟିଯାକ ସହରରେ ବିରୋଧୀ ନେସନାଲ ଏଲାଏନ୍ସର ପ୍ରାର୍ଥୀ ବିଜୟୀ ହୋଇଥିଲେ । ଏର୍ଦୋଗାନଙ୍କ ସହଯୋଗୀ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଅହମତ ଡାଭୁଟୋଗ୍ଲୁ ନିଜର ଏକ ଦଳ ଫ୍ୟୁଚର ପାର୍ଟି ୨୦୧୯ ଡିସେମ୍ବରରେ ଗଢିଲେ । ସେମିତି ଏର୍ଦୋଗାନଙ୍କ ସହଯୋଗୀ ଥିବା ଅଲି ବାବାକାନ ଦେବାପାର୍ଟି ଗଢିଛନ୍ତି । ତୁର୍କୀର ଆର୍ଥିକ ଜଗତରେ ବାବାକାନଙ୍କୁ ସବୁଠୁ ବଡ ବ୍ୟକ୍ତିତ୍ୱ ଭାବେ ଗଣାଯାଇଥାଏ । ବାବାକାନ୍‌ଙ୍କ ଦଳରେ ୩୦ ପ୍ରତିଶତ ସଂରକ୍ଷଣ ମହିଳାଙ୍କ ପାଇଁ ରଖିବା ସପକ୍ଷରେ ତୁର୍କୀ ମହିଳା ଉଦ୍ୟୋଗୀ ସଂଗଠନର ପ୍ରତିଷ୍ଠାତ୍ରୀ ସାନେମ୍ ଓକ୍‌ତାର ଯୁକ୍ତି ବାଢିଛନ୍ତି । ଗଣତନ୍ତ୍ର, ସ୍ୱାଧୀନତା, ସମାନତା ଆଦି ଆଭିମୁଖ୍ୟ ନେଇ ଦଳ ତୁର୍କୀର ଜନତାଙ୍କୁ ଆକୃଷ୍ଟ କରିବ ଏବଂ ଏର୍ଦୋଗାନଙ୍କ ଶାସନର ଅନ୍ତ ଘଟିବ ବୋଲି ସେ କହନ୍ତି । ତୁର୍କୀର ଶାସକଦଳ ଏକେପି ଗତ ଦୁଇଦଶନ୍ଧି ହେଲା କ୍ଷମତାରେ ରହିବା ଫଳରେ ଏର୍ଦୋଗାନ କ୍ଷମତାର କେନ୍ଦ୍ରୀକରଣ କରି ନିଜ ପରିବାର ଲୋକଙ୍କୁ ଥଇଥାନ କରିଛନ୍ତି ବୋଲି ଅନ୍ୟମାନେ ଅଭିଯୋଗ କରୁଛନ୍ତି । ସେହିପରି ଦୁର୍ନୀତି ଅଭିଯୋଗ ଆଣି ଏର୍ଦୋଗାନଙ୍କ ସହଯୋଗୀ ଅବଦୁଲ୍ଲାତିଫ ସେନେର ପୂର୍ବରୁ ଦଳ ଛାଡି ଅନ୍ୟ ଏକ ଦଳ ତୁର୍କୀ ପାର୍ଟି ଗଠନ କରିଥିଲେ । ଏର୍ଦୋଗାନଙ୍କ ଗଡଭାବେ

ଧର୍ମ ସଂସଦରେ ଗାଳି

॥ ଗୋପାଳ ମହାପାତ୍ର ॥

ଆଧୁନିକ ଭାରତର କଥିତ ଆଧୁନିକ

ପରମ୍ପରା ଓ ଧର୍ମବିଶ୍ୱାସରେ ମା' ଠାକୁରାଣୀଙ୍କ ଚୈତ୍ର ଯାତ୍ରା

ଧର୍ମଗଡ,(ମହାଭାରତ): କୋକସରା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଠାକୁରାଣୀଙ୍କ ଚୈତ୍ରଯାତ୍ରା ପାଇଁ ଚଳଚଞ୍ଚଳ ହୋଇଉଠିଛି ଗାଁ ଦାଣ୍ଡ। ସୋମବାର ସକାଳୁ ଗ୍ରାମ ଠାକୁରାଣୀଙ୍କ ମୁଖ୍ୟ ପୂଜକ ନନ୍ଦକିଶୋର ଧରୁଆଙ୍କ ଘରୁ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ପରେ ମା' ଙ୍କ ଘଟ କଳସକୁ ପ୍ରଥମେ ଗାଁ ଗୌନ୍ତିଆ ହେମନ୍ତ ପ୍ରଧାନୀ, ବିଘ୍ନ ରାଜ ପ୍ରଧାନୀ ଓ ଗଣ୍ଡା ଗୋବର୍ଦ୍ଧନ ବାଗଙ୍କ ଘରକୁ ନେଇ ପୂଜାର୍ଚ୍ଚନା କରିବା ବିଧି ଅନୁସାରେ ନିୟମ ରହିଛି। ସେଠାରେ ପୂଜା ପାଇବା ପର ମା'ଙ୍କ ଘଟ ନଗର ପରିକ୍ରମାରେ ବାହାରିଥିଲା। ମହିଳା ଶ୍ରଦ୍ଧାଳୁମାନେ ନିଜ ନିଜର ଦାଣ୍ଡ ଦୁଆରକୁ ଲିପାପୋଛା କରିବା, ଝୋଟି ଦେଇ ମୁଆଁ, ନଡ଼ିଆ, ଧୂପ ଦୀପ ଦେଇ ମା'ଙ୍କ ସଦୃଶ କଳସକୁ ବନ୍ଦାପନା କରି ସ୍ୱାଗତ କରି ପରିବାର ପାଇଁ ମଙ୍ଗଳ କାମନା କରିଥିଲେ। ଦୁଇ ଦିନ ଧରି ଗ୍ରାମ ପରିକ୍ରମା ପରେ ମଙ୍ଗଳବାର ଦିନ ମା'ଙ୍କ ଏହି ଘଟ ଯାତ୍ରା ଶେଷ ହେବ। କୋକସରା ଗ୍ରାମର ଅଧୀଷ୍ଠାତ୍ରୀ ଦେବୀ ହେଉଛନ୍ତି ମା' ଠାକୁରାଣୀ। ମା' ଠାକୁରାଣୀଙ୍କ ଉପରେ ଗ୍ରାମବାସୀଙ୍କର ରହିଛି ଅଗାଢ ଆସ୍ଥା ଓ ବିଶ୍ୱାସ। ବର୍ଷ ତମାମ ଭକ୍ତମାନଙ୍କୁ ମା' ନିଜ ମନ୍ଦିରରେ ଦର୍ଶନ ଦେଉଥିବା ବେଳେ ମା'ଙ୍କ ଚୈତ୍ର ପର୍ବ ସମୟରେ କିନ୍ତୁ ମା' ଙ୍କ ପ୍ରତିମା ସ୍ୱରୂ ଘଟ (କଳସୀ)ମନ୍ଦିରରୁ ବାହାରି ନଗର ପରିକ୍ରମା ପୂର୍ବକ ଭକ୍ତଙ୍କ ଦୁଆର ମୂହଁରେ ଦର୍ଶନ ଦେଇଥାନ୍ତି ମା' ଠାକୁରାଣୀ। ଏହିପର୍ବ ସମୟରେ ଦୁଇ ଜଣ କୁଆଁରୀ କନ୍ୟା ମାନଙ୍କ ଦ୍ୱାରା ମାଁ ଠାକୁରାଣୀଙ୍କ ଘଟ ବୁହା ହୋଇ ସହରର ସମସ୍ତ ଘରକୁ ଘର ପରିକ୍ରମା କରା ଯାଇଥାଏ। ତେବେ ଆଶ୍ଚର୍ଯ୍ୟର ବିଷୟ ଯେ ମା' ଙ୍କ ଯାତ୍ରା ର ଦିନେ ପୂର୍ବରୁ ମାଙ୍କ ଘଟ (କଳସୀ)କୁ କେଉଁ କୁଆଁରୀ କନ୍ୟା ଧାରଣ କରିବେ ତାହା ଉପରେ ଦେବୀଙ୍କ ମୁଖ୍ୟ ପୂଜକଙ୍କୁ ସ୍ୱପ୍ନାଦେଶ ହୋଇଥାଏ। ତାପରେ ପୂଜକ ସେହି ଘରକୁ ଯାଇ କିଶୋରୀ ମାନଙ୍କୁ ମନ୍ଦିରକୁ ନେଇ ଆସନ୍ତି। ଏହା ପରେ ମା'ଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ମା'ଙ୍କ ଶିରାଙ୍କ ଦେହରେ କାଳିଶି ରୂପରେ ମା'ଙ୍କ ଆର୍ବିଭାବ ହୋଇଥାଏ। ଏହା ପରେ ମା'ଙ୍କ ଘଟ ନଗର ପରିକ୍ରମା ଅଭିମୁଖେ ବାହାରିଥାଏ। ଏହି ସମୟରେ ମା'ଙ୍କ ଦର୍ଶନ କଲେ ସମସ୍ତ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ରହିଛି। ମଙ୍ଗଳବାର ମା'ଙ୍କ ଘଟ ଯାତ୍ରା ନଗର ପରିକ୍ରମା ସାରି ମୁଖ୍ୟ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବା ପରେ ମାନସିକ ଧାରୀ ଭକ୍ତ ମାନେ ଶୁକ୍ଳ ଭୋଗ ସହ ରକ୍ତ ଭୋଗ ମା'ଙ୍କ ନିକଟରେ ଅର୍ପଣ କରିବେ।

ଓଡିଆ ନବବର୍ଷ ତଥା ହନୁମାନଜୀଉଙ୍କ ଜନ୍ମ ଜୟନ୍ତୀ ପାଳିତ

କେନ୍ଦ୍ରାପଡ଼ା,(ମହାଭାରତ): ଓଡିଆ ନବବର୍ଷ ତଥା ହନୁମାନଜୀଉଙ୍କ ଜନ୍ମ ଜୟନ୍ତୀ ଉତ୍ସବ ଅବସରରେ ପାଞ୍ଚଶହ ବର୍ଷର ସଂଘର୍ଷମୟ ଇତିହାସର ବିଜୟ ଉଦ୍ଦେଶ୍ୟରେ କେନ୍ଦ୍ରାପଡା ଜିଲ୍ଲା ଧର୍ମରକ୍ଷା ସେନା ଓ ବିଶ୍ୱ ହିନ୍ଦୁ ପରିଷଦ ବଜରଙ୍ଗ ଦଳ ଆନୁକୂଲ୍ୟରେ ଏକ ବିଶାଳ ହିନ୍ଦୁ ଗୌରବ ଯାତ୍ରା ଆୟୋଜନ କରାଯାଇଥିଲା। ଏହି ଯାତ୍ରା ସହରର ତିନିମୁହାଣୀସ୍ଥିତ ଶ୍ରୀରାମ ମନ୍ଦିରଠାରୁ ଆବାଳ ବୃଦ୍ଧ ବନିତା ଶତାଧିକ ହିନ୍ଦୁ ପାରମ୍ପରିକ ପଟୁଆରରେ ସନାତନ ହିନ୍ଦୁମାନଙ୍କର ପାବନ ଗୌରବ ପ୍ରଭୁ ଶ୍ରୀରାମଚନ୍ଦ୍ର, ହନୁମାନଜୀଉ, ଭାରତମାତା, ଗୌମାତା, ତୁଳସୀମାତା ଓ ସାଧୁସନ୍ଥମାନଙ୍କର ବିଶାଳ ପ୍ରତିମୂର୍ତ୍ତୀ ସମେତ ସାଧୁସନ୍ଥ ସଂକୀର୍ତ୍ତନ ପାରମ୍ପରିକ ବାଦ୍ୟ ତଥା ପାରମ୍ପରିକ ନୃତ୍ୟ ଗୀତ ମାଧ୍ୟମରେ ଅତି ଆକର୍ଷଣୀୟ ଭାବରେ ଦୀର୍ଘ ଛଅ ଘଣ୍ଟା ଧରି କେନ୍ଦ୍ରାପଡା ନଗରକୁ ପାଣିପଣା ମାଧ୍ୟମରେ ଆଚ୍ଛାଦିତ କରି ମହାପ୍ରଭୁ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚି ଏକ ଭବ୍ୟ ସଭା ମାଧ୍ୟମରେ ଏହି ଭକ୍ତି ସମ୍ପର୍ଣ୍ଣ ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ସମାବେଶ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଧର୍ମଜାଗରଣର ପ୍ରାନ୍ତ ଅଧିକାରୀ ମହେଶ କୁମାର ତ୍ରିପାଠୀ, ଜିଲ୍ଲା ସଂଯୋଜକ ବିବେକାନନ୍ଦ ମହାରଣା, ପ୍ରାନ୍ତ ପ୍ରଶାସନ ସମ୍ପର୍କ ସହପ୍ରମୁଖ ଉମେଶ ଦାସ, ଜିଲ୍ଲା ଧର୍ମ ଜାଗରଣ ସହ ସଂଯୋଜକ ଶଶାଙ୍କ କୁମାର ଜେନା, ଜିଲ୍ଲା ଧର୍ମରକ୍ଷା ସେନା ପ୍ରମୁଖ ମାଧବ ପ୍ରଧାନ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜିଲ୍ଲା ସହ ସଂଘ ଚାଳକ ସଞ୍ଜୟ କୁମାର ପତ୍ରୀ, ଜିଲ୍ଲା ପ୍ରଚାରକ ପ୍ରସନ୍ନଜିତ ରାଉତଙ୍କ ସମେତ ବିଶ୍ୱ ହିନ୍ଦୁ ପରିଷଦ ଜିଲ୍ଲା ସମ୍ପାଦକ ବିରେନ୍ଦ୍ର ସାମଲ, ବଜରଙ୍ଗ ଦଳ ଜିଲ୍ଲା ସଂଯୋଜକ ନିରଞ୍ଜନ ସୁଆର, ଅଭିଜିତ ଦାସ, ସୁଶିଲ ଦାସ ଆଦି କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା କାର୍ଯ୍ୟକର୍ତ୍ତାମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ଏବଂ ଆଗାମୀ ଦିନରେ ଏହି ଗୌରବ ଯାତ୍ରା ହିନ୍ଦୁ ଏକତା ତଥା ହିନ୍ଦୁ ସାମର୍ଥ୍ୟକୁ ବହୁ ଗୁଣିତ କରି ଏକ ବିଶାଳ ହିନ୍ଦୁ ଶୋଭାଯାତ୍ରାରେ ରୂପାନ୍ତରିତ ହେବାର ସମ୍ଭାବନା ସୃଷ୍ଟି କରିଥିଲା । ସହରର ବିଭିନ୍ନ ସ୍ଥାନରେ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଏହି ଶୋଭାଯାତ୍ରାକାରୀ ମାନଙ୍କୁ ସର୍ବତ, ଲେମ୍ବୁପାଣି, ଲସି, ଘୋଳଦହି ପ୍ରଭୃତି ପ୍ରଦାନ କରାଯାଇଥିଲା। ଏଥିସହିତ ମୁସଲିମଭାଇମାନେ ମଧ୍ୟ ଏହି ଶୋଭାଯାତ୍ରାକାରୀ ମାନଙ୍କୁ ସର୍ବତ ପିଆଇ କେନ୍ଦ୍ରାପଡାର ଭାଇଚାରାର ପରମ୍ପରାକୁ ଉଦଜୀବିତ କରିଦେଇଥିଲେ।

ରାସ୍ତା ନିର୍ମାଣ ନିମ୍ନମାନର



ନାଉଗାଁ,(ମହାଭାରତ): ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ କୋକିଡିହ-ତେଲସରା ରାସ୍ତାଟି ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ଏହି ରାସ୍ତାକୁ ବିଭାଗ ପକ୍ଷରୁ ସଂପ୍ରସାରଣ ଓ ପୁନଃନିର୍ମାଣ କାର୍ଯ୍ୟ କରାଯାଇଛି। ଉକ୍ତ ୧୧କିଲୋମିଟର ରାସ୍ତା ନିର୍ମାଣ ପାଇଁ ପାଖାପାଖି ୧୦କୋଟି ଟଙ୍କା ବ୍ୟୟ କରାଯାଇଛି। ମାର୍ଚ୍ଚ ୨୦୨୪ରେ ଏହି ରାସ୍ତା କାର୍ଯ୍ୟ ଶେଷ ହୋଇଛି। ମାତ୍ର ମାସେ ନ ପୂରୁଣୁ ରାସ୍ତାରୁ ଗୋଡି ଉଠିବା ସହ ରାସ୍ତାରେ ଖାଲ ସୃଷ୍ଟି ହେଉଥିବା ଦେଖାଦେଇଛି। ନିମ୍ନମାନର କାର୍ଯ୍ୟ ଯୋଗୁ ରାସ୍ତାର ଏପରି ଅବସ୍ଥା ହୋଇଥିବା ସ୍ଥାନୀୟ ବାସିନ୍ଦା ନାମ ଗୋପନ ରଖି କହିଛନ୍ତି। ରାସ୍ତାର ବାଂଶ ପଞ୍ଚାୟତର କୋଠମୂଳ ଓ ତିରୁଣା ପଞ୍ଚାୟତର ନରଣପୁର ତେଣ୍ଟୋଇ ମଧ୍ୟରେ ପିଚୁ ଉଠିଯାଇଛି। ସେହିପରି ଶ୍ରୀ ଶ୍ରୀ ମଉଳା ଭଉଜା ମହାବିଦ୍ୟାଳୟ ନିକଟରେ ଢଳେଇ ରାସ୍ତାରେ ଫାଟ ସୃଷ୍ଟି ହୋଇଥିବା ବେଳେ ତେଣ୍ଟୋଇରୁ କୋକିଡିହ ମଧ୍ୟରେ ଠା ଠା ଢଳେଇରୁ ଗୋଡି ଉଠି ରାସ୍ତାରେ ଖାଲ ସୃଷ୍ଟି ହେଉଥିବା ଦେଖିବାକୁ ମିଳିଛି। ରାସ୍ତାଟି ଉକ୍ତ ବ୍ଲକ୍‌ର ମୁଖ୍ୟ ସଂଯୋଗ ରାସ୍ତା ହୋଇଥିବା ବେଳେ ଏହି ବାଟ ଦେଇ ବାଲିକୁଦା, ମାଛଗାଁ, କାକଟପୁର, ଅସ୍ତରଙ୍ଗ, ତାଳଦା ଆଦି ସ୍ଥାନକୁ ଯାତ୍ରୀବାହୀ, ମାଲବାହି ଯାନ ଯାତାୟତ କରିଥାଏ। ଭାରିଯାନ ଯିବା ଆସିବା କରିବା ଦ୍ୱାରା ଫାଟିଥିବା ସ୍ଥାନରୁ ଗୋଡି ଉଠିବା ସହ ବର୍ଷାଦିନେ ଉକ୍ତ ସ୍ଥାନରେ ପାଣି ଜମି ଧୀରେ ଧୀରେ ଖାଲ ବୃଦ୍ଧି ପାଇବ। ଯାହାଫଳରେ ଯାତାୟାତରେ ସମସ୍ୟା ସୃଷ୍ଟି ହେବ। ତେଣୁ ଉକ୍ତ ରାସ୍ତାକୁ ତୁରନ୍ତ ମରାମତି କରିବା ପାଇଁ ସ୍ଥାନୀୟ ବାସିନ୍ଦା ପ୍ରଶାସନ ନିକଟରେ ଦାବି କରିଛନ୍ତି।

୪ ବାଇକ୍ ଚୋର ଗ୍ୟାଙ୍ଗ ଗିରଫ ମୁଖ୍ୟ ଅଭିଯୁକ୍ତ ଫେରାର

କଣ୍ଟାବାଞ୍ଜି,(ମହାଭାରତ): ପୋଲିସ ହାବୁଡ଼ରେ ୪ ବାଇକ୍ ଚୋର ଗ୍ୟାଙ୍ଗ ସଦସ୍ୟ। ୪ ବାଇକ୍ ଜବତ। ଗିରଫ ୪ ଅଭିଯୁକ୍ତଙ୍କ ମଧ୍ୟରୁ ୩ ଜଣ ଚଟୁଅନକା ଗ୍ରାମର ଏବଂ ଜଣେ ଡଙ୍ଗାମରା ଗ୍ରାମର। ଜବତ ବାଇକ୍ ୪ ବାଇକ୍ ତୁରେକେଲା ଥାନା, ବେଲାପଡା ଥାନା, ବଙ୍ଗୋମୁଣ୍ଡା ଥାନା ଏବଂ ସଇଁତଳା ଥାନା ଅନ୍ତର୍ଗତ ବୋଲି ସୂଚନା ମିଳିଛି। ତୁରେକେଲା ଥାନା ରେ କେଶ୍ ନମ୍ବର ୧୦୦ କୁ ଆଧାର କରି ତୁରେକେଲା ପୋଲିସ ତଦନ୍ତ ଆରମ୍ଭ କରିବା ପରେ ବାଇକ୍ ଚୋର ଗ୍ୟାଙ୍ଗ ର ୪ ଜଣ ସଦସ୍ୟଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ହିମାଂଶୁ ପଟେଲ (୨୧) ଚଟୁଅନକା, ଯୋଗୀ ପଟେଲ (୨୩) ଚଟୁଅନକା ଦୁଲସନ୍ ଦାସ (୧୯) ଚଟୁଅନକା ବିଜୟ କାଣ୍ଡ (୨୨) ଡଙ୍ଗାମରା। ଏମାନଙ୍କ ସହ ବାଇକ୍ ଚୋରିରେ ସାମିଲ ଥିବା ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ଜଣା ପଡ଼ିଛି। ବର୍ତ୍ତମାନ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିବା ପାଇଁ ତନାଘନା ଜାରି ରଖିଛି ପୋଲିସ୍। ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

ଜଙ୍ଗଲରେ ନିଆଁ

ପାରଳାଖେମୁଣ୍ଡି, (ମହାଭାରତ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ତଥା ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ଦେବୀତି ଗ୍ରାମ ନିକଟସ୍ଥ ଜଙ୍ଗଲରେ ନିଆଁ ଲାଗି ଗଛ ଲତା ପୋଡି ଯାଇଥିବାର ଦେଖିବାକୁ ମିଳିଛି। ରବିବାର ପ୍ରାୟ ୫ ଘଣ୍ଟା ସମୟରେ ଉଲ୍ଲେଖିତ ସ୍ଥାନରେ କୌଣସି କାରଣରୁ ନିଆଁ ଲାଗିଯାଇଥିବାର ଦେଖିଥିଲେ ଗ୍ରାମବାସୀ। ଏନେଇ ତୁରନ୍ତ ପାରଳାଖେମୁଣ୍ଡି ସ୍ଥିତ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ପକ୍ଷରୁ ଦୁଇ ଗୋଟି ଦମକଳ ଗାଡି ସହ କର୍ମଚାରମୀନେ ଆସି ନିଆଁକୁ ଆୟତ କରିଥିଲେ। ଯଦି ଏପରି ନିଆଁ ଜଙ୍ଗଲରେ ଲାଗି ରହିଥାନ୍ତା ତେବେ ନିକଟରେ ଥିବା ଜନବସତି ବ୍ୟାପିଥାନ୍ତା। ଦମକଳବାହିନୀ ସମୟଚିତ ପଦକ୍ଷେପକୁ ନେଇ ପ୍ରଶଂସା କରାଯାଉଛି। ତେବେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥାଇପାରନ୍ତି ବୋଲି ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା ହେଉଛି।

ପାରାଦୀପ ବନ୍ଦର ପକ୍ଷରୁ ଜାତୀୟ ଅଗ୍ନି ସେବା ସପ୍ତାହ ପାଳନ

ପାରାଦୀପ,(ମହାଭାରତ): ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ଜାତୀୟ ଅଗ୍ନି ସେବା ସପ୍ତାହ ସୋମବାର ଦିନ ଆରମ୍ଭ ହୋଇଛି। ୧୯୪୪ ମସିହା ଅପ୍ରେଲ ୧୪ ତାରିଖ ବମ୍ବେ ଡକ ଦୁର୍ଘଟଣାରେ ପ୍ରାଣ ହରାଇଥିବା ସାହସୀ ଅଗ୍ନିଶମ କର୍ମଚାରୀ ଓ ଅଧିକାରୀଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅପ୍ରେଲ ୧୪ ତାରିଖରେ ଜାତୀୟ ଅଗ୍ନି ସେବା ସପ୍ତାହ ପାଳନ କରାଯାଇଥାଏ। ଏହି ଉଦଘାଟନୀ ସମାରୋହ ପାରାଦୀପ ବନ୍ଦରର ସିଆଇଏସଏସଏଫ ଫାୟାର ଷ୍ଟେସନ ଠାରେ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁରକ୍ଷା ସଚେତନତାର ବାର୍ତ୍ତା ଦେଇ ଦେଶର ୧୧୪ ଟି ଅଗ୍ନିଶମ ବିଭାଗ ମଧ୍ୟରେ ପାରାଦୀପ ସିଆଇଏସଏଫ ଅଗ୍ନିଶମ ବିଭାଗ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ସିଆଇଏସଏଫ କମାଣ୍ଡାଣ୍ଟ ଅକ୍ଷତ ପଟେଲ ସମସ୍ତ ଅତିଥି ମାନଙ୍କୁ ସ୍ୱାଗତ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ସିଆଇଏସଏଫ ଅଗ୍ନିଶମ ବିଭାଗର ଡେପୁଟି କମାଣ୍ଡାଣ୍ଟ ବିଷ୍ଣୁ ସ୍ୱରୂପ ଧନ୍ୟବାଦ ଅର୍ପଣ କରିଥିଲେ।

ଜାତୀୟ ଅଗ୍ନିଶମ ସେବା ସପ୍ତାହ ପାଳିତ

ତିହିଡି,(ମହାଭାରତ): ଭଦ୍ରକ ଜିଲା ତିହିଡ଼ି ଅଗ୍ନିଶମ ସେବା କେନ୍ଦ୍ର ପକ୍ଷରୁ ଜାତୀୟ ଅଗ୍ନିଶମ ସେବା ସପ୍ତାହ ପାଳିତ ହେଉଛି। ଏହି ସଚେତନତା କାର୍ଯ୍ୟକ୍ରମ ଏପ୍ରିଲ ୧୪ ତାରିଖରୁ ୨୦ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡ଼ିଛି। ତିହିଡ଼ି ଅଗ୍ନିଶମ ସେବା କେନ୍ଦ୍ର ପକ୍ଷରୁ ଆଗ୍ନିକ ଆଲୋକଦେବ ଗୋସ୍ୱାମୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦମକଳ ଗାଡ଼ି ସହିତ କର୍ମଚାରୀମାନେ ନନ୍ଦପୁର ବଜାରରୁ କମାରିଆ ବଜାର ପର୍ଯ୍ୟନ୍ତ ପରିକ୍ରମା କରି ଲୋକମାନଙ୍କୁ ସଚେତନ କରାଉଛନ୍ତି। ମହିଳାମାନେ ରୋଷେଇ କରିବା ସମୟରେ ସୂତା ଲୁଗା ପରିଧାନ କରିବା, ରୋଷେଇ ସରିବା ପରେ ଗ୍ୟାସ ରେଗୁଲେଟରକୁ ଠିକ୍ ଭାବେ ବନ୍ଦ କରିବା, ଗ୍ୟାସ ଲିକ୍‌ର ଗନ୍ଧ ହେଲେ ଘରର ସମସ୍ତ କବାଟ ଓ ଝରକା ଖୋଲା ରଖିବା, ଆଇଏସଆଇ ମାର୍କ ଥିବା ବୈଦ୍ୟୁତିକ ସରଞ୍ଜାମ ବ୍ୟବହାର କରିବା, ବିଦ୍ୟୁତ୍ ତାର ଉପରେ ଅତ୍ୟଧିକ ଚାପ ନଦେବା, ନିମ୍ନମାନର ବିଦ୍ୟୁତ୍ ତାର ବ୍ୟବହାର ନକରିବା, ଆତସବାଜି ସମୟରେ ଅଗ୍ନି ନିରାପତ୍ତା ପ୍ରତି ସଜାଗ ରହିବା, ସମସ୍ତ ବ୍ୟବସାୟୀମାନେ ଅଗ୍ନି ନିର୍ବାପକ ଯନ୍ତ୍ର ବ୍ୟବହାର କରିବା, ଯଦି ଅଚାନକ ଅଗ୍ନିକାଣ୍ଡ ଘଟେ ତେବେ ୧୧୨ ନମ୍ବରକୁ ତୁରନ୍ତ ଫୋନ କରିବା ଇତ୍ୟାଦି ଉପରେ ଜନସାଧାରଣଙ୍କୁ ସଚେତନ କରାଉଛନ୍ତି। ଅଗ୍ନିଶମ ସେବା କେନ୍ଦ୍ରର କର୍ମଚାରୀ ମନୋରଞ୍ଜନ ବେହେରା, ରାକେଶ ମଲିକ, ଚନ୍ଦନ ମହାଳିକ, ପବିତ୍ର ରାଉଳ, ଗଣେଶ ମାଝୀ, ଶରତ ସେଠୀ ପ୍ରମୁଖ ସଚେତନତା କାର୍ଯ୍ୟକ୍ରମରେ ସହଯୋଗ କରୁଛନ୍ତି।

ସମୁଦ୍ରରେ ମାଛ ଧରିବା ଉପରେ ଲାଗିଛି ପ୍ରଶାସନିକ କଟକଣା

ପାରାଦ୍ୱୀପ,(ମହାଭାରତ): ସମୁଦ୍ରରେ ମାଛ ଧରିବା ଉପରେ ଲାଗିଛି ପ୍ରଶାସନିକ କଟକଣା। ଚଳିତ ଏପ୍ରିଲ ୧୫ରୁ ଜୁନ ୧୫ ତାରିଖ ପର୍ଯ୍ୟନ୍ତ ଦୀର୍ଘ ଦୁଇ ମାସ ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ଏହି ଦୁଇ ମାସରେ ମାଛ ମାନଙ୍କର ଅଣ୍ଡା ଦେବା ସମୟ। ତେଣୁ ଏମାନଙ୍କ ସୁରକ୍ଷା ଓ ବଂଶ ବୃଦ୍ଧି ପାଇଁ କେନ୍ଦ୍ର ସରକାର ୨୦୦୫ ମସିହା ଠାରୁ ଏହି କଟକଣା ଲାଗୁ କରିଛନ୍ତି। ତେବେ ଏହାକୁ ମତ୍ସ୍ୟଜୀବୀ ମାନେ ସ୍ୱାଗତ କରିଥିବା ବେଳେ,ଏହି ସମୟରେ ସରକାର ପରିବାର ଚଳାଇବା ପାଇଁ ସହାୟତା ଯୋଗାଇ ଦେବାକୁ ମତ୍ସ୍ୟଜୀବି ମାନେ ଦାବି କରିଛନ୍ତି। ଅନ୍ୟପକ୍ଷରେ ମାଛଧରା ବନ୍ଦ ପାଇଁ ମତ୍ସ୍ୟ ବିଭାଗ ପକ୍ଷରୁ ପାରାଦ୍ୱୀପର ନେହେରୁବଙ୍ଗଳା ମାଛଧରା ବନ୍ଦର, ଅଠରବାଙ୍କି ବାଲିପ୍ଲଟ, ଚଉମୁହାଣି ଓ ଷଣ୍ଢକୁଦ ପ୍ରଭୃତି ମତ୍ସ୍ୟଜୀବୀ ରହୁଥିବା ଅଞ୍ଚଳରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରାଯାଇଛି। ସୂଚନାଥାଉକି ପାରାଦ୍ୱୀପ ମାଛଧରା ବନ୍ଦରରେ ୬୧୧ ଟି ସୋନା ବୋଟ ଓ ୧୧୪୩ ଟି ଯନ୍ତ୍ର ଚାଳିତ ବୋଟ ଓ ଡଙ୍ଗା ରହିଥିବାବେଳେ, ଅଠରବାଙ୍କିର ବାଲିପ୍ଲଟରେ ୧ ହଜାରରୁ ଉର୍ଦ୍ଧ୍ୱ ଯନ୍ତ୍ର ଚାଳିତ ଡଙ୍ଗା ଓ ୬ ଶହରୁ ଉର୍ଦ୍ଧ୍ୱ ବିନା ଯନ୍ତ୍ର ଚାଳିତ ଡଙ୍ଗା ରହିଛି। ସେହିପରି ଚଉମୁହାଣିରେ ୪ ଶହରୁ ଉର୍ଦ୍ଧ୍ୱ ଯନ୍ତ୍ର ଚାଳିତ ଓ ବିନା ଯନ୍ତ୍ର ଚାଳିତ ଡଙ୍ଗା ରହିଛି। ରାଜ୍ୟରେ ପ୍ରାୟ ଦୁଇ ଲକ୍ଷରୁ ଉର୍ଦ୍ଧ୍ୱ ମତ୍ସ୍ୟଜୀବୀ ପରିବାର ଥିବା ବେଳେ ପାରାଦୀପ ମାଛଧରା ବନ୍ଦର ଉପରେ ନିର୍ଭର କରୁଥିବା ୫୦ ହଜାରରୁ ଉର୍ଦ୍ଧ୍ୱ ମତ୍ସ୍ୟଜୀବୀ ଦୁଇ ମାସ ହାତ ବାନ୍ଧି ବସିବେ। ଯାହାକୁ ନେଇ ଏବେ ଚିନ୍ତାରେ ପଡିଛନ୍ତି ମତ୍ସ୍ୟଜୀବୀ।

ପ୍ରଫୁଲ୍ଲ ପାଠାଗାରର ବାର୍ଷିକୋତ୍ସବ

ଜଗତସିଂହପୁର, (ମହାଭାରତ): ଜିଲ୍ଲାର ଅଗ୍ରଣୀ ପାଠାଗାର ପ୍ରଫୁଲ୍ଲ ପାଠାଗାରର ୩୦ତମ ବାର୍ଷିକ ଉତ୍ସବ ଓ ଶିକ୍ଷକ ବୈକୁଣ୍ଠନାଥ ଆଚାର୍ଯ୍ୟଙ୍କ ଜୀବନୀ ଉପରେ ଲିଖିତ ପୁସ୍ତକ ଟିଟିଙ୍ଗି ବିଅଣ୍ଡ ପୁସ୍ତକର ଉନ୍ମୋଚନ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ସ୍ତମ୍ଭକାର ଦୁର୍ଗା ପ୍ରସାଦ ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଡଃ ସନ୍ଦୀପ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ, ତୁଷାରକାନ୍ତ ଦାସ, ସମାଜସେବୀ ଧରିତ୍ରୀ ଦ୍ୱିବେଦୀ ଓ ପାଠାଗାରର ମୁଖ୍ୟ ପୃଷ୍ଠପୋଷକ ତଥା ପୁସ୍ତକର ରଚୟିତା ପ୍ରସନ୍ନ କୁମାର ଦାଶ ଉପସ୍ଥିତ ରହି ପାଠାଗାର ଓ ସାରଙ୍କ କୃତି ଉପରେ ଅଭିମତ ରଖିଥିଲେ । ଏହି ସଭାରେ ରବୀନ୍ଦ୍ରନାଥ ତ୍ରିପାଠୀ ସଭାପତିତ୍ୱ କରିଥିବା ବେଳେ ସୁରେନ୍ଦ୍ର ରାୟ ବାର୍ଷିକ ବିବରଣୀ ପାଠ କରିଥିଲେ ।

ମହାଭାରତ ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା

ମଙ୍ଗଳବାର, ୧୬ ଏପ୍ରିଲ, ୨୦୨୪

ଅସମ୍ଭାଳ ହେଲାଣି ଫାଇଲେରିଆ, କୁଷ୍ଠ, କିଡ଼ିନି ରୋଗ

ଡେଙ୍ଗୁ-ମ୍ୟାଲେରିଆ ଆକ୍ରାନ୍ତ ବି ବଢୁଛନ୍ତି

ଓଡ଼ଗାଁ, (ମହାଭାରତ) : ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକରେ ଅସମ୍ଭାଳ ହେଲାଣି ଫାଇଲେରିଆ । କୁଷ୍ଠ ଓ କିଡ଼ିନି ରୋଗ ଫାଇଲେରିଆ ରୋଗୀଙ୍କ ସଂଖ୍ୟା ଦେଢ଼ ହଜାର ଟପିବାକୁ ବସିଥିବା ବେଳେ କୁଷ୍ଠ ଓ କିଡ଼ିନି ରୋଗ ସ୍ୱାସ୍ଥ୍ୟ ବିଭାଗ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି । ଡେଙ୍ଗୁ ଓ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ବି ଅଧିକ ଥିବା ଏକ ରିପୋର୍ଟରୁ ଜଣାପଡ଼ିଛି । ମିଳିଥିବା ସୂଚନା ଅନୁସାରେ, ଓଡ଼ଗାଁର ୩୬ ଗୋଟି ପଞ୍ଚାୟତରେ ଦେଢ଼ ଲକ୍ଷ ଲୋକ ବସବାସ କରନ୍ତି । କେଉଁଠି ପାଣିର ସମସ୍ୟା ଲାଗି ରହିଛି ତ ଆଉ କେଉଁଠି ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁ ରୋଗ ବ୍ୟାପୁଛି । ମାରାତ୍ମକ ଡେଙ୍ଗୁ ଓ ମ୍ୟାଲେରିଆ ରୋଗ ପାଇଁ ସେମିତି କିଛି ବ୍ୟବସ୍ଥା ନଥିବା ବେଳେ ଲୋକମାନେ ଏହାର ଶିକାର ହେଉଛନ୍ତି । ଫାଇଲେରିଆ ରୋଗରେ ୧୪୪୮ ଜଣ ରୋଗୀ ଚିହ୍ନଟ ହୋଇଥିବା ବେଳେ ମାଛିପଡ଼ାରୁ ସର୍ବାଧିକ ବୋଲି ଜଣାପଡ଼ିଛି । ସେହିଭଳି କୁଷ୍ଠ ରୋଗରେ ୨୩ ଜଣ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି । ସ୍ୱାସ୍ଥ୍ୟ ବିଭାଗ ଟିଭି ଓ ସୋସିଆଲ ମିଡିଆ ମାଧ୍ୟମରେ ରୋଗ ସଂପର୍କରେ ଲୋକଙ୍କୁ ଯେତେ ସଚେତନ କଲେ ମଧ୍ୟ କିଛି ଲାଭ ମିଳୁନଥିବା ସ୍ୱାସ୍ଥ୍ୟ ବିଭାଗର ଜଣେ କର୍ମଚାରୀ କହିଛନ୍ତି । କୁଷ୍ଠରୋଗ ଲକ୍ଷଣ ଦେଖାଦେଲେ ପ୍ରଥମେ ଡାକ୍ତରଙ୍କୁ ପରାମର୍ଶ କରିବା କଥା କିନ୍ତୁ ରୋଗୀ ଏହାକୁ ଅଣଦେଖା କରିବା ଦ୍ୱାରା ରୋଗ ବଢ଼ିଥାଏ । ଦେହରେ ତମ୍ବାଳିଆ କିମ୍ବା ଚର୍ମ ମୋଟାଳିଆ ବା ଚିକଣ ଓ ଗୁଳିଗୁଳି ହୋଇଥିବା ଏହାର ଲକ୍ଷଣ ହୋଇପାରେ । ଆଖିକୁ ଭଲ ଭାବରେ ବୁଜିବାରେ ଅସୁବିଧା ହେଉଥିଲେ, ପାପୁଲି ବା ପାଦରେ ବହୁତ ଦିନ ଧରି ଘା' ହୋଇଥିଲେ କିମ୍ବା ଆଙ୍ଗୁଳି ବଙ୍କା ହୋଇଯିବା ଓ ହାତପାଦ ଝୁଲି ପଡୁଥିବା ଏହାର କାରଣ ହୋଇପାରେ । ଠିକ୍ ସମୟରେ ଏହାର ଚିକିତ୍ସା କରାନଗଲେ ରୋଗ ବିକଟାଳ ରୂପ ଧାରଣ କରିବ ବୋଲି ଚିକିତ୍ସକ କହିଛନ୍ତି । ଏହି ରୋଗ ଗିରିଡ଼ିପଲ୍ଲୀ ପଞ୍ଚାୟତରେ ସର୍ବାଧିକ ବୋଲି ଜଣାପଡ଼ିଛି । ବ୍ଲକ୍ ୭୦ ଜଣ ବ୍ୟକ୍ତି କିଡ଼ିନି ରୋଗରେ ଆକ୍ରାନ୍ତ ହୋଇଥିବା ସୂଚନା ମିଳିଛି । ନଳକୂପ କିମ୍ବା ବିଭିନ୍ନ ପମ୍ପ ହାଉସ୍ ଟ୍ୟାପ୍ ଯୋଗେ ଦିଆଯାଉଥିବା ପାଣି ବିଶୋଧନ ନ ହେବାରୁ ରୋଗ ବ୍ୟାପିବା ମୁଖ୍ୟ କାରଣ ବୋଲି କହିଛନ୍ତି । କଲ୍ୟାଣପୁର ଗ୍ରାମର ବାସିନ୍ଦା ଗାଁରେ ୨୦ରୁ ଊର୍ଦ୍ଧ୍ୱ ଲୋକ କିଡ଼ିନି ରୋଗରେ ଆକ୍ରାନ୍ତ ଥିବା ବେଳେ ଛଅରୁ ଊର୍ଦ୍ଧ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି । ବିଶୁଦ୍ଧ ପାନୀୟ ଜଳର ନିରାକରଣ ହେଲେ କିଡ଼ିନି ରୋଗରୁ ଲୋକେ ମୁକ୍ତି ପାଇପାରିବେ ବୋଲି କହିଛନ୍ତି । ଏହି ରୋଗ ପରିବାର ଉଜାଡ଼ି ଦେଉଛି । ରୋଗ ଭଲ କରିବାକୁ ସ୍ୱାସ୍ଥ୍ୟକେନ୍ଦ୍ର ଧାଇଁ ଧାଇଁ ରୋଗୀ ସର୍ବସ୍ୱାନ୍ତ ହୋଇ ଶେଷରେ ମୃତ୍ୟୁମୁଖରେ ପଡୁଛନ୍ତି । କିଛିଦିନ ପୂର୍ବରୁ ଏହି ଖବର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ଗାଁରେ ସ୍ୱାସ୍ଥ୍ୟ କର୍ମଚାରୀ ମାନେ ପହଞ୍ଚି ପରୀକ୍ଷା ନିରୀକ୍ଷା କରିଥିଲେ ମଧ୍ୟ କିଛି ଫଳ ମିଳିନଥିଲା । ଗାଁରେ ପରିସ୍ଥିତି ଏବେ ସୀମା ଟପିଛି ଲୋକମାନେ ବର୍ଷ ବର୍ଷ ଧରି ସେହି କିଡ଼ିନି ରୋଗରେ ଛଟପଟ ହେଉଛନ୍ତି ।ସେହିପରି ବ୍ଲକ୍ରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ୭୩ରେ ପହଞ୍ଚିଥିବା ବେଳେ ଗଂଜାମ, ଗଜପତି, କଟକ, ଖୋର୍ଦ୍ଧା, ଫୁଲବାଣି, ବୌଦ୍ଧ ଅଞ୍ଚଳରେ ରହି କାମ କରି ଫେରିଥିବା ବ୍ୟକ୍ତିଙ୍କ ସଂଖ୍ୟା ୪୯ ହୋଇଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ୨୪ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତ । ସେହିଭଳି ମ୍ୟାଲେରିଆ ରୋଗରେ ୧୧୭ ଜଣ ବ୍ୟକ୍ତି ଆକ୍ରାନ୍ତ ହୋଇଛନ୍ତି । ବାହାରୁ ୧୧୨ ଜଣ ଆକ୍ରାନ୍ତ ହୋଇ ଫେରିଥିବା ବେଳେ ସ୍ଥାନୀୟ ଅଞ୍ଚଳରୁ ମାତ୍ର ୫ ଜଣ ବୋଲି ସ୍ୱାସ୍ଥ୍ୟ ବିଭାଗ ରିପୋର୍ଟରୁ ଜଣାପଡ଼ିଛି । ରୋଗର ନିରାକରଣ ପାଇଁ ସମସ୍ତେ ସଚେତନ ରହିଲେ କିମ୍ବା ଡାକ୍ତରଙ୍କ ସହ ପରାମର୍ଶ କଲେ ରୋଗ ସହଜରେ ଭଲ ହୋଇପାରିବ ବୋଲି ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ କହିଛନ୍ତି ।

ନାଲକୋ ତାରିଣୀ ମନ୍ଦିରରେ. ବିଷୁବ ସଂକ୍ରାନ୍ତି ପାଳନ

ଅନୁଗୋଳ,(ମହାଭାରତ): ନାଲକୋ ନଗର ସ୍ଥିତ ତାରିଣୀ ମନ୍ଦିରରେ ପ୍ରତ୍ୟେକ ବର୍ଷ ପରି ଏ ବର୍ଷ ମଧ୍ୟ ମହା ଆଡମ୍ବରରେ ପାଳିତ ହୋଇଛି ।ଉକ୍ତ କାର୍ଯ୍ୟ କ୍ରମରେ ଭୋର ସକାଳୁ ନାମ ସଂକୀର୍ତନ ହୋଇ ମା ଙ୍କର ପୂଜାର୍ଚନା ସହିତ ହୋମ ଯଂଜ୍ଞ ହୋଇଥିଲା ଏବଂ ଅନୁଷ୍ଠାନ ତରଫରୁ ୭ ହଜାର ଶ୍ରଦ୍ଧାଳୁ ଭକ୍ତ ମାନଙ୍କୁ ଅର୍ଣ୍ଣ ପ୍ରସାଦ ବଣ୍ଟନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମ ରେ ନାଲକୋର ଜିଜିମ ଶ୍ରୀ ସତ୍ୟବାଦୀ ମିଶ୍ର ଏବଂ ତାଙ୍କ ଧର୍ମ ପତ୍ନୀ ମୁଖ୍ୟ ପୁରୋଧା ସାଜିଥିବା ବେଳେ ଅନୁଷ୍ଠାନର ସଭାପତି ଶୁଭେନ୍ଦୁ ନାୟକ, ରାଜାରାମ ମିଶ୍ର, ଅରୁଣ ସାହୁ, ବନମାଳି ସେଠି,ଶ୍ରମିକ ନେତା ନିର୍ମଳ ସାମଲ, ତରୁଣ ସାହୁ,, ମାଧବ ସେଠି, କେଶବ ନାୟକ, ସନ୍ତୋଷ ରାଏ, ପ୍ରଭାତ ଗଡ଼ନାୟକ,ତରୁଣ ସାହୁ,ଟୁଟୁ ଜେନା,ମନୋଜ ସ୍ୱାଇଁ,ରଞ୍ଜିତ ମାଝୀ,ପ୍ରକାଶ ବେହେରା, , ସୁଧାଂଶୁ ମିଶ୍ର, ସୁଶୀଲ ବାରିକ, ନରେନ୍ଦ୍ର ମିଶ୍ର,ଗୁଣନିଧି ଅରୁକ, ଅମୀୟ ଦଳେଇ,ଶ୍ରୀଧର ନାୟକ ,ଗୋପାଳ ମଲିକ, ଉପେନ୍ଦ୍ର ବେହେରା , ନେହେରୁ ସାହୁ,ଦୀପକ ସାମଲ,ଚିତ୍ତ ଦାସ, ସଂଜୀବ ଦାସ,ସନ୍ତୋଷ ସେଠି,ବିକ୍ରମା ଦ୍ୱିତ ବେହେରା,ଆଶିଷ ସିଂ,ସୁଶୀଲ ବାରିକ ଏବଂ ନାଲକୋ ନଗରର ଶ୍ରମିକ ସଂଗଠକ ସହିତ ବହୁତ ମାନ୍ୟଗନ ବ୍ୟକ୍ତି ଅନୁଷ୍ଠାନକୁ ସାହାଯ୍ୟ ସହଯୋଗ କରିଥିଲେ ।

ସମ୍ବିଧାନ ପ୍ରଣେତା ଡ. ଆମ୍ବେଦକରଙ୍କ ଜୟନ୍ତୀ ପାଳିତ

ପାରାଦୀପ(ମହାଭାରତ): ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଭାରତ ସମ୍ବିଧାନର ପ୍ରଣେତା ବାବା ସାହେବ ଡ.ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ରବିବାର ଦିନ ପାଳିତ ହୋଇଯାଇଛି । ଏହି ଅବସରରେ ମଧୁବନସ୍ଥିତ ଆମ୍ବେଦକର ପାର୍କ ପରିସରରେ ଅନୁଷ୍ଠିତ ଏକ ଉତ୍ସବରେ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ ଯୋଗ ଦେଇ ଭାରତରତ୍ନ ଡ. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ବାବା ସାହେବଙ୍କ ତ୍ୟାଗ, ନିଷ୍ଠା ଓ ଦୂରଦର୍ଶିତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ପାରାଦୀପ ବନ୍ଦର ଏସିଏସଟି କଲ୍ୟାଣ ସଂଘର ସଦସ୍ୟ, କର୍ମକର୍ତ୍ତାଙ୍କ ସମେତ ବନ୍ଦରର ବହୁ ଅଧିକାରୀ ଉପସ୍ଥିତ ଥିଲେ ।

ଘୋଷଣା ହେଲା କଂଗ୍ରେସ ଟିକେଟ ନୟାଗଡ଼ରୁ ରଣଜିତ, ରଣପୁରରୁ ବିଭୁପ୍ରସାଦ

ନୟାଗଡ଼, (ମହାଭାରତ): ଆଜି ନୟାଗଡ଼ ଜିଲ୍ଲାର ଦୁଇଟି ନିର୍ବାଚନ ମଣ୍ଡଳୀ ପାଇଁ କଂଗ୍ରେସ ବିଧାୟକ ପ୍ରାର୍ଥୀ ଘୋଷଣା କରିଛି । ନୟାଗଡ଼ ପାଇଁ କଂଗ୍ରେସ ଜିଲ୍ଲା ସଭାପତି ରଣଜିତ ଦାସ୍ ଓ ରଣପୁରରୁ ବିଭୁପ୍ରସାଦ ମିଶ୍ରଙ୍କୁ ଦଳ ନିର୍ବାଚନ ମଇଦାନକୁ ଓହ୍ଲାଇଛି । ଏହି ଦୁଇ ଜଣ ନିର୍ବାଚନ ମଇଦାନରେ ନୂଆ ମୁହଁ ହୋଇଥିଲେ ମଧ୍ୟ ଦୀର୍ଘ ଦିନ ହେଲା ଉଭୟ ସଂଗଠନ ସହ ଜଡ଼ିତ ଥିବାରୁ ବିରୋଧୀ ମାନଙ୍କ ସହ ଜୋର୍ଦାର ଲଢ଼େଇ ହେବ ବୋଲି ଆଶା କରାଯାଉଛି । ନୟାଗଡ଼ର ନିର୍ବାଚନ ମଣ୍ଡଳୀରେ ଉଭୟ ବିଜେପି ଓ ବିଜେଡି ପ୍ରାର୍ଥୀ ଘୋଷଣା କରିସାରିଥିବା ବେଳେ କଂଗ୍ରେସ ତାଲିକା କେବେ ଆସିବ ଏହା ଉପରେ ସମସ୍ତଙ୍କ ନଜର ଥିଲାୟ ତଥାପି ଖଣ୍ଡପଡ଼ା ଓ ଦଶପଲ୍ଲାରେ ଦଳ ଏପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରିନାହିଁ । ଖୁବ୍ଶୀଘ୍ର ଏହି ଦୁଇ ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ଘୋଷଣା କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି ।

ଅଖଣ୍ଡ ଶିକାର ଓ ଜଙ୍ଗଲ ନିଆଁ ରୋକିବା କୁ ଫ୍ଲାଗମାର୍ଚ୍ଚ

କରଞ୍ଜିଆ (ମହାଭାରତ)ବୈଶାଖ ମାସ ରେ ଅଖଣ୍ଡ ଶିକାର ଓ ଜଙ୍ଗଲ ନିଆଁ କୁ ରୋକିବା ନିମନ୍ତେ ଶିମିଳିପାଳ ଅଭୟାରଣ୍ୟ ସଂଲଗ୍ନ ଜଙ୍ଗଲ ପାଦ ଦେଶ ରେ ଥିବା ଗ୍ରାମ ଗୁଡିକ ରେ ବନ୍ୟପ୍ରାଣୀ ବିଭାଗ ଓ ଜେ ଟିଏଫ ଫୋର୍ସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇ ଲୋକଙ୍କୁ ସଚେତନତା କରାଯାଇଛି ।ପଣା ସଂକ୍ରାନ୍ତି ଦିନ ଠାରୁ ଶିମିଳିପାଳ ଜଙ୍ଗଲ ଭିତରକୁ ପ୍ରବେଶ କରି ବନ୍ୟ ଜନ୍ତୁ ଶିକାର କରିବା ଲକ୍ଷ୍ୟରେ ଶହ ଶହ ସଂଖ୍ୟାରେ ଶିକାରୀ ପ୍ରବେଶ କରି ଶିକାର କରିଥାନ୍ତି ।ଏହାକୁ ଦୃଷ୍ଟିରେ ରଖି ରବିବାର ଦିନ ଠାକୁରମୁଣ୍ଡା ଓ କପ୍ତିପଦା ଉପଖଣ୍ଡ ପୋଡାଡିହା ବନ୍ୟ ପ୍ରାଣୀ ରେଞ୍ଜ କର୍ମଚାରୀ ମିଳିତ ଭାବରେ ଫ୍ଲାଗମାର୍ଚ୍ଚ କରି ସଚେତନତା ସୃଷ୍ଟି କରିଛନ୍ତି ।ଠାକୁରମୁଣ୍ଡା ରେଞ୍ଜର କିଶୋର ପାଣିଗ୍ରାହୀ, ପୋଡାଡିହା ବନ୍ୟପ୍ରାଣୀ ରେଞ୍ଜଅଧିକାରୀ, ଜେଟିଏଫ ଲିଡ଼ର ଧ୍ରୁବେନ୍ଦୁ ନାଏକ ଙ୍କ ନେତୃତ୍ୱରେ ଫୋରେଷ୍ଟର ତପନ ମହାନ୍ତ, ଚିତ୍ତରଞ୍ଜନ ନାଏକ ସମେତ ଅନ୍ୟ କର୍ମଚାରୀ ମାନେ ସାମିଲ ଥିଲେ ।ଶିମିଳିପାଳ ପାଦ ଦେଶରେ ଥିବା ,ଭେଜର୍ଡ଼ିହା,ପତ୍ରପୋଡ଼ା,ଗନ୍ଧି ଖମଣ, କିରିକିଚିପାଳ ଗ୍ରାମ ଗୁଡିକ ରେ ଏହି କାର୍ଯ୍ୟକ୍ରମ କରାଯାଇ ସଚେତନତା ସୃଷ୍ଟି କରାଯାଇଥିଲା ।

ମିଡିଆ କ୍ରିକେଟ୍ ଟିମ୍ ପକ୍ଷରୁ ମହାବିଷୁବ ସଂକ୍ରାନ୍ତି ପାଳିତ

ପାରାଦୀପ(ମହାଭାରତ): ପାରାଦୀପର ମିଡିଆ କ୍ରିକେଟ୍ ଟିମ୍ ପକ୍ଷରୁ ମହାବିଷୁବ ସଂକ୍ରାନ୍ତି ପାଳିତ ହୋଇଯାଇଛି । ଏହି ଅବସରରେ ବଡପଡିଆସ୍ଥିତ ପ୍ରେସ୍ ଛକ ନିକଟରେ ପଣା ବଣ୍ଟନ କାର୍ଯ୍ୟକ୍ରମ ହୋଇଥିଲା । ପାରାଦୀପର ନଗରପାଳ ବସନ୍ତ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗେ ଉପସ୍ଥିତ ଜନସାଧାରଣଙ୍କୁ ପଣାବଣ୍ଟନ କରିଥିଲେ । ପାରାଦୀପର ସାମ୍ବାଦିକମାନଙ୍କ ଏତାଦୃଶ କାର୍ଯ୍ୟକୁ ନଗରପାଳ ଉଚ୍ଚପ୍ରଶଂସା କରିବା ସହିତ ଓଡିଆ ନବବର୍ଷର ଅବିନନ୍ଦନ ଜଣାଇଥିଲେ । ପାରାଦୀପର ସାମ୍ବାଦିକମାନେ ସମ୍ବାଦ ପରିବେଶଣ କରିବା ସହିତ ନିଜକୁ ଓଡିଶାର ଏହି ମହାନ ପର୍ବକୁ ପାଳନ କରୁଥିବାରୁ ସାମ୍ବାଦିକମାନଙ୍କୁ ଧନ୍ୟବାଦ ଜଣାଇଥିଲେ ଜିଲ୍ଲା ବିଜେଡି ଉପସଭାପତି ଉଲ୍ଲାସ ଚନ୍ଦ୍ର ବିଶ୍ୱାଳ । ଏହି ଅବସରରେ ପାରାଦୀପର ବିଭିନ୍ନ ବର୍ଗର ହଜାରେରୁ ଉର୍ଦ୍ଧ ଜନସାଧାରଣଙ୍କୁ ପଣାବଣ୍ଟନ କରାଯାଇଥିଲା । ମିଡିଆ କ୍ରିକେଟ୍ ଟିମ୍‌ର ସଦସ୍ୟମାନେ ଉତ୍ସାହର ସହିତ ଓଡିଆ ନୂଆବର୍ଷ ଉପଲକ୍ଷେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ସାମିଲ ହୋଇଥିଲେ ।

ଭୟାନକ ଦୁର୍ଘଟଣା ରୁ ଅଳ୍ପକେ ବର୍ତ୍ତିଲେ ଅସ୍ତରଙ୍ଗ ଜିପିଡ଼ିଓ



ଅସ୍ତରଙ୍ଗ,(ମହାଭାରତ) -ସଡ଼କ ସୁରକ୍ଷା ଜୀବନ ରକ୍ଷା, ଅକାରଣ ରେ ଅନେକ ସମୟ ରେ ସଡ଼କ ଦୁର୍ଘଟଣା ରେ ଅନେକ ଲୋକ ଙ୍କ ଜୀବନ ଚାଲିଯାଉଛ ।କିଏ ବିକଳାଙ୍ଗ ମଧ୍ୟ ହେଇଯାଉଛ । ଏ ସବୁ ପାଇଁ ଯେତିକି ଅସୁରକ୍ଷିତ ସଡ଼କ ଦାୟୀ ସେତିକି ବେପରୁଆ ଗାଡି ଚାଳନା ମଧ୍ୟ ଦାୟୀ, ଅସ୍ତରଙ୍ଗ ଜିଉଁନ୍ତି ଠୁ ରାମଚନ୍ଦ୍ରପୁର ମୁଖ୍ୟ ରାସ୍ତା ରେ ପ୍ରତ୍ୟକ ସମୟ ରେ ଭୟାନକ ଦୁର୍ଘଟଣା ଘଟୁଛି, ଅନେକ ଲୋକ ଙ୍କ ଜୀବନ ଦୀପ ମଧ୍ୟ ଲିଭିଛି । ଆଜି ସକାଳ ୮:୩୦ ମିନିଟ ସମୟ ରେ ନିମାପଡା ରୁ ଗୋଟେ ବ୍ଲୁ ରଙ୍ଗ ର ଟିଭିଏସ ସ୍କୁଟି (ଓଡି ୧୩-ଏମ୍ ୭୯୮୭) ଆଣି ଅସ୍ତରଙ୍ଗ ବ୍ଲକ ଗ୍ରାମ ପଞ୍ଚାୟତ ଉତ୍ତୟନ ଅଧିକାରୀ (ଜିପିଡ଼ିଓ) ସତ୍ୟ ପ୍ରକାଶ ବିଶ୍ୱାଳ ଅସ୍ତରଙ୍ଗ ବ୍ଲକ କାର୍ଯ୍ୟାଳୟ କୁ ଆସୁଥିବା ବେଳେ ଉକୁଳେଇ ଛକ ରେ ଲୋକ ଙ୍କ ଦ୍ୱାରା ନିର୍ମିତ ହମ୍ପସ ଉପରେ ଦ୍ରୁତ ଗତିରେ ଚଢାଇ ଦେଇଥିଲେ । ଚଳନ୍ତା ସ୍କୁଟି ଟି ନିୟନ୍ତ୍ରଣ ହରାଇ ଥିଲା, ଚାଳକ ପଡିଯିବା ସହ ପ୍ରାୟ ୫୦ମିଟର ପର୍ଯ୍ୟନ୍ତ ଗାଡି ସହ ଘୋଷାଡ଼ି ହୋଇ ଛିଟିକି ପଡ଼ିଥିଲେ । କିନ୍ତୁ ସୌଭାଗ୍ୟ ବଶତଃ ସେ ହେଲମେଟ ପିନ୍ଧିଥିବାରୁ ତାଙ୍କ ମୁଣ୍ଡ ରେ କୌଣସି ଶକ୍ତ ଆଘାତ ଲାଗିନାହ । କେବଳ ଶରୀର ରେ ଅନେକ ସ୍ଥାନ ରେ ଆଘାତ ହୋଇଛି ଓ ରକ୍ତ ଝରିଛି । ଘଟଣା ସ୍ଥଳରେ ଉକୁଳେଇ ସ୍ଥିତ ଜଣେ ସହୃଦୟ ବ୍ୟକ୍ତି କେଦାର ବିଶ୍ୱାଳ ତାଙ୍କୁ ଉଦ୍ଧାର କରି ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଚିକିତ୍ସା କରାଇଥିଲେ । ଖବର ପାଇ ଅସ୍ତରଙ୍ଗ ବ୍ଲକ ର ଅନେକ କର୍ମଚାରୀ ମେଡିକାଲ କୁ ଆସି ଶ୍ରୀଯୁକ୍ତ ବିଶ୍ୱାଳ ଙ୍କୁ ସାକ୍ଷାତ କରି ତାଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ଉଦ୍ଧାର କରିଥିବା କେଦାର ବିଶ୍ୱାଳ ଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି ।

ବିଜେପି ବାଣପୁର ନଗର ମଣ୍ଡଳର କାର୍ଯ୍ୟାଳୟ ଉଦଘାଟିତ

ବାଣପୁର : (ମହାଭାରତ)ଆଜି ଚିଲିକା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ପୂର୍ବତନ ନଗରପାଳ ଶ୍ରୀ ସହଦେବ ନାୟକଙ୍କ ବାସଭବନ ଠାରେ ବାଣପୁର ନଗର ମଣ୍ଡଳର ଭାଜପା କାର୍ଯ୍ୟାଳୟକୁ ଚିଲିକା ପୂର୍ବତନ ବିଧାୟକ ଡ଼ାଃ ବିଭୂତିଭୂଷଣ ହରିଚନ୍ଦନ ଉଦଘାଟନ କରିଥିଲେ । ଏହି ଅବସରରେ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ପୂର୍ବତନ ନଗରପାଳ ଶ୍ରୀ ସହଦେବ ନାୟକ, ବାଣପୁର ନଗର ମଣ୍ଡଳ ଭାଜପା ପ୍ରଭାରୀ ଶ୍ରୀ ବିଜୟ ବିଶ୍ୱାଳ,ବିଜେପି ନେତା ଶ୍ରୀ ନନ୍ଦକିଶୋର ମିଶ୍ର, ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ବିଜେପି କାଉଁସିଲର,ପୂର୍ବତନ ନଗରପାଳିକା ଶ୍ରୀମତୀ ରାଜଶ୍ରୀ ଦାସ,ବାଣପୁର ନଗର ମଣ୍ଡଳର ମହିଳା ମୋର୍ଚ୍ଚା ସଭାନେତ୍ରୀ ଶ୍ରୀମତୀ ବନଜା ମିଶ୍ର, ବିଜେପି ନେତା ଶ୍ରୀ ସତ୍ୟନାରାୟଣ ପାଲଟାସିଂହ, ଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେଯଉପସ୍ଥିତ ଥିବା ସମସ୍ତ କାର୍ଯ୍ୟକର୍ତ୍ତା ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଜୀ ଙ୍କ ହାତ ମୁଠାକୁ ଟାଣ କରିବା ଓ ପୁରୀ ସଂସଦୀୟ କ୍ଷେତ୍ରର ବିକାଶ ପାଇଁ ଭାଜପା ସାଂସଦ ପ୍ରାର୍ଥୀ ଡ଼ାଃ ସମ୍ବିତ ପାତ୍ର ଙ୍କୁ ଏବଂ ଚିଲିକା ନିର୍ବାଚନ ମଣ୍ଡଳୀର ସାମଗ୍ରିକ ଓ ଅର୍ଥନୈତିକ ବିକାଶ ଓ ଓଡ଼ିଶାରେ ଡବଲ ଇଞ୍ଜିନ ର ସରକାର ପାଇଁ ଭାଜପା ବିଧାୟକ ପ୍ରାର୍ଥୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଙ୍କୁ ବିଜୟୀ କରାଇବା ପାଇଁ ସଂକଳ୍ପ ନେଇଥିଲେ । ବିକଶିତ ଚିଲିକା ବିଧାନସଭା ଓ ପୁରୀ ଲୋକସଭା ଗଠନ ନିମନ୍ତେ ପଦ୍ମ ଫୁଲ ଚିହ୍ନରେ ବିପୁଳ ମାତ୍ରାରେ ଭୋଟ ଦେଇ ଭାଜପା ସାଂସଦ ପ୍ରାର୍ଥୀ ଡ଼ାଃ ପାତ୍ର ଓ ଭାଜପା ବିଧାୟକ ପ୍ରାର୍ଥୀ ଶ୍ରୀ ହରିଚନ୍ଦନ ବିଜୟୀ କରିବା ପାଇଁ କହିବା ସହ କେନ୍ଦ୍ରରେ ପୁନଶ୍ଚ ମୋଦି ସରକାର ଓ ଓଡ଼ିଶାରେ ବିଜେପି ସରକାର କରିବ ବୋଲି ଡ଼ାଃ ବିଭୂତିଭୂଷଣ ହରିଚନ୍ଦନ ମତବ୍ୟକ୍ତ କରିଥିଲେ ।

ଭାରତ ରତ୍ନ ବାବା ସାହେବ ଡକ୍ଟର ଆମ୍ବେଦକର ଜୟନ୍ତୀ ପାଳିତ

ନବରଙ୍ଗପୁର(ମହାଭାରତ): ଭାରତ ର ସମ୍ବିଧାନ ପ୍ରଣେତା ଭାରତ ରତ୍ନ ବାବା ସାହେବ ଡକ୍ଟର ଭୀମ ରାଓ ଆମ୍ବେଦକର ଙ୍କ ଜିଲ୍ଲାସ୍ତରୀୟ ୧୩୪ ତମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ଆମ୍ବେଦକର ଛକ ସ୍ଥିତ ବାବା ସାହେବ ଡକ୍ଟର ଆମ୍ବେଦକର ଙ୍କ ପ୍ରତିମୂର୍ତ୍ତି ରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ମାଲ୍ୟାର୍ପଣ କରାଯାଇଥିଲା ଏବଂ ସ୍ଥାନୀୟ ରାଜା ଚୈତନ୍ୟ ଦେବ ନୋଡାଲ ସରକାରୀ ଉଚ୍ଚବିଦ୍ୟାଳୟ ରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲାପାଳ ଡଃ କମଳ ଲୋଚନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବାବା ସାହେବ ଡକ୍ଟର ଆମ୍ବେଦକର ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରିଥିଲେ ଏବଂ ସ୍ମୃତି ଚାରଣ ସଭା ରେ ଭାରତ ର ସମ୍ବିଧାନ ପ୍ରଣେତା ଡକ୍ଟର ଆମ୍ବେଦକର ଙ୍କ ସଙ୍ଘର୍ଷମୟ ଆଦର୍ଶ ଜୀବନୀ ଉପରେ

ଡିଏମକେ ଓ ଏଆଇଏଡିଏମକେ ଦୁର୍ନୀତିକୁ ପ୍ରୋତ୍ସାହିତ କରୁଛନ୍ତି

ଚେନ୍ନାଇ,୧୫।୪ : ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କନ୍ୟାକୁମାରୀରେ ରୋଡ ଶୋ କରି ତାମିଲନାଡୁରେ ବିଜେପିର ଭଲ ପ୍ରଦର୍ଶନୀ ନେଇ

ଆଶା ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ଯେ, ରାଜ୍ୟରେ ଶାସନ କରୁଥିବା ଦୁଇ ପାର୍ଟି ଡିଏମକେ ଓ ଏଆଇଏଡିଏମକେ ଦୁର୍ନୀତିକୁ ପ୍ରୋତ୍ସାହିତ କରି ରାଜ୍ୟର ବିକାଶକୁ ଅବରୁଦ୍ଧ କରିଛନ୍ତି । ସେ ଦାବି କରିଛନ୍ତି ଯେ, ରାଜ୍ୟରେ ଭୋଟରଙ୍କ ମଧ୍ୟରେ ପରିବର୍ତ୍ତନର ତୀବ୍ର ଆକାଂକ୍ଷା ରହିଛି, ଯାହାଦ୍ୱାରା ବିଜେପି ବିକଳ୍ପ ଭାବେ ବାହାରିଛି ।

ଗୃହମନ୍ତ୍ରୀ ଅମିତ ଶାହ ଶନିବାର ପୂର୍ବାହ୍ନ ୧୧ଟା ବେଳେ କନ୍ୟାକୁମାରୀରେ ମେଙ୍ଗୁକଡାଇ ଜଙ୍କସନରୁ ପୁରୁଣା ବସ ଷ୍ଟାଣ୍ଡ ଯାଏ ରୋଡ ଶୋ କରିଛନ୍ତି । ଏହି ଅବସରରେ ସେ ଲୋକଙ୍କୁ ସମ୍ବୋଧିତ କରି କହିଛନ୍ତି ଯେ, ଶ୍ରୀରାମମନ୍ଦିରର ବିରୋଧରୁ ନେଇ ସନାତନ ଧର୍ମର ବିରୋଧ କରୁଥିବା ପାର୍ଟି ଓ ତାଙ୍କ ନେତାଙ୍କୁ ତାମିଲନାଡୁର କୋଟି କୋଟି ଲୋକଙ୍କୁ ଆହତ କରିଛନ୍ତି, ଯାହାକୁ ସେମାନେ ଭୁଲିନାହାନ୍ତି । ସେ କହିଛନ୍ତି ଯେ, ବିଜେପି ଏଭଳି ପାର୍ଟି, ଯିଏ କି ସମସ୍ତଙ୍କୁ ଏକ ସାଥୀରେ ନେଇ ଚାଲିଥାଏ । ପ୍ରଧାନମନ୍ତ୍ରୀ ମୋଦି ସବୁବେଳେ ସମସ୍ତ ସୁରକ୍ଷା ଓ ସମୃଦ୍ଧିର ଚିନ୍ତା କରିଛନ୍ତି । ମୋଦି ତାମିଲ ପରି ପ୍ରାଚୀନ ଏବଂ ଐତିହାସିକ ଭାଷା ଏବଂ ସଂସ୍କୃତିକୁ ପୂରା ଦେଶରେ ଆଗକୁ ବଢାଇବା ପାଇଁ ନିରନ୍ତର କାର୍ଯ୍ୟ କରୁଛନ୍ତି ।

୨ ବର୍ଷର ଛୁଆକୁ ଝୁଣି ମାରିଦେଲେ କୁକୁର

ନୂଆଦିଲ୍ଲୀ,୧୫।୪ : ଥମୁନି ବୁଲା କୁକୁରଙ୍କ ଦୌରାତ୍ମ୍ୟ । ପ୍ରତିଦିନ ଏହି ବୁଲା କୁକୁରଙ୍କ ଆକ୍ରମଣର ଶିକାର ହେଉଛନ୍ତି ନିରୀହ କୁନି ଛୁଆ । ଏପରିକି ଏହି ବୁଲା କୁକୁରଙ୍କ ଆକ୍ରମଣରେ ଅନେକ ପ୍ରାଣ ମଧ୍ୟ ହରାଇଛନ୍ତି । ନିକଟରେ ପୁଣି ବୁଲା କୁକୁରଙ୍କ ଆକ୍ରମଣରେ ଆଖି ବୁଜିଛି ଜଣେ ଅଢେ ବର୍ଷର କୁନି ଝିଅ । ହାଇଦ୍ରାବାଦର ଗାୟତ୍ରୀ ନଗରରେ ଏକ ନିର୍ମାଣଧୀନ ଅପାର୍ଟମେଣ୍ଟ ବିଲ୍ଡିଂ ବାହାରେ ଏକ ଅଢେ ବର୍ଷର କୁନି ଝିଅ ଖେଳୁଥିଲା । ଏତିକି ବେଳେ ଦୁଇଟି ବୁଲା କୁକୁର ତା'ଉପରେ ଆକ୍ରମଣ କରିଥିଲେ । କୁନି ଝିଅଟିକୁ ଟାଣି ନେଇ ତାକୁ ଝୁଣି ଝୁଣି ମାରି ଦେଇଥିବା ସୂଚନା ମିଳିଛି ।

ପୁଲିସ ସଚନା ଅନୁସାରେ, ଏପ୍ରିଲ ୧୨ ତାରିଖରେ ଏହି ଘଟଣା ଘଟିଥିଲା । ପୀଡିତା ଏବଂ ତାଙ୍କ ଭଉଣୀ ମିଶି ତାଙ୍କ ବାପା କାମ କରୁଥିବା ନିର୍ମାଣସ୍ଥଳରେ ଖେଳୁଥିଲେ । ଏତିକି ବେଳେ ଦୁଇଟି ବୁଲା କୁକୁର ତାଙ୍କ ଉପରକୁ ଆକ୍ରମଣ କରିଥିଲେ । ଅଢେ ବର୍ଷର କୁନି ଝିଅଟି କୁକୁର ଆକ୍ରମଣରେ ରକ୍ତାକ୍ତ ହୋଇପଡିଥିଲା । ପରେ ତାକୁ ଉଦ୍ଧାର କରି ସ୍ଥାନୀ । ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଅନ୍ୟ ଏକ ସରକାରୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସିତ ଅବସ୍ଥାରେ ତା'ର ମୃତ୍ୟୁ ହୋଇଛି । ସେପଟେ ମୃତ କୁନି ଝିଅଟି ଭଉଣୀର ଅବସ୍ଥା ଗୁରୁତର ରହିଛି । ପୁଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

ସରକାର ଆସିଲାପରେ ଦେଶରୁ ଗରିବୀ ହଟାଇବୁ

ଜଗଦଲପୁର,୧୫।୪ : କଂଗ୍ରେସ ନେତା ତଥା ପାର୍ଟିର ପୂର୍ବ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଦାବି କରିଛନ୍ତି ଯେ ଯଦି ଆମ ସରକାର ଆସିବ ତେବେ ମହାଲକ୍ଷ୍ମୀ ଯୋଜନା ଆରମ୍ଭ କରାଯିବ । ଯାହା ଜରିଆରେ ଦେଶରୁ ଏକ ଝଟକାରେ ଗରିବି ହଟାଇ ଦେବେ । ସେ କହିଛନ୍ତି ଯେ ଆମେ ସମ୍ବିଧାନ ବଂଚାଇବାକୁ ଲଢୁଛୁ । ଅପରପକ୍ଷରେ ସମ୍ବିଧାନ ଏବଂ ଲୋକତନ୍ତ୍ର ଶେଷ କରିବାକୁ ଚେଷ୍ଟା କରାଯାଉଛି ।

ବସ୍ତର ଲୋକସଭା ସିଟ୍‌ରୁ କଂଗ୍ରେସ ପ୍ରାର୍ଥୀ କବାସୀ ଲଖମାଙ୍କ ସମର୍ଥନରେ ବସ୍ତରର ଲାଲ୍ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍‌ରେ ଶନିବାର ଦିନ ନିର୍ବାଚନୀ ସଭାକୁ ସମ୍ବୋଧିତ କରି କହିଛନ୍ତି ଯେ ମହାଲକ୍ଷ୍ମୀ ଯୋଜନାରେ ସମସ୍ତ ପରିବାରୁ ଜଣେ ମହିଳାଙ୍କୁ ବାଛିବେ, ଏଥିରେ କୋଟି କୋଟି ମହିଳା ନିର୍ବାଚିତ ହେବେ । ଏହାପରେ ସବୁ ମାସରେ ସେମାନଙ୍କ ବ୍ୟାଙ୍କ ଖାତାରେ ସାଢ଼େ ୮ ହଜାର ଟଙ୍କା ପକାଯିବ । ଏହିପରି ଗୋଟିଏ ବର୍ଷରେ ଏକ ଲକ୍ଷ ଟଙ୍କା ମିଳିବ, ଏହିପରି ଗୋଟିଏ ଝଟକାରେ ଆମେ ଦେଶରୁ ଗରିବି ହଟାଇ ଦେବୁ । ସେ ମହିଳାମାନଙ୍କୁ ସରକାରୀ ଚାକିରୀରେ ୫୦ ପ୍ରତିଶତ ସଂରକ୍ଷଣ ଦେବାକୁ କଥାଦେଉଛୁ । ଅଙ୍ଗନୱାଡ଼ି ଏବଂ ଆଶା କର୍ମୀମାନଙ୍କ ଦରମା ଦୁଇଗୁଣା କରିବୁ ।

ଫିନ୍‌ଟେକ ସପୋର୍ଟ ବୃଦ୍ଧି କରିଛି ୱାନ୍ ପଏଂଟ୍ ୱାନ ସଲ୍ୟୁଶନ୍ସ

ନୂଆଦିଲ୍ଲୀ,୧୫।୪ : ଟେକ୍ନୋଲୋଜି ସକ୍ଷମ ବିଜ୍‌ନେସ ପ୍ରୋସେସ ମ୍ୟାନେଜମେଂଟ୍ (ବିପିଏମ୍) ସର୍ଭିସ୍ କ୍ଷେତ୍ରରେ ଏକ ଅଗ୍ରଣୀ ସଂସ୍ଥା ୱାନ ପଏଂଟ୍ ୱାନ୍ ସଲ୍ୟୁଶନ୍ସ ଲିମିଟେଡ ପକ୍ଷରୁ ଘୋଷଣା କରାଯାଇଛି ଯେ, ଏହା ସମ୍ପତି ପରିଚାଳନା କ୍ଷେତ୍ରର ଏକ ପ୍ରମୁଖ ସଂସ୍ଥା ସହିତ ନୂଆ ଗ୍ରାହକ-ବିଜୟ ହାସଲ କରିଛି । ଏଥିସହିତ ୱାନ୍ ପଏଂଟ୍ ୱାନ୍ ଦେଶର ଅଗ୍ରଣୀ ଫିନ୍‌ଟେକ ସଂସ୍ଥାଗୁଡିକ ପାଇଁ ସିଟ କ୍ଷମତାକକୁ ମଧ୍ୟ ବୃଦ୍ଧି କରିଛି । ୭ଟି ସିଟ୍‌ରୁ ୧୬୦+ ସିଟ୍‌କୁ ଏହାର ପରିଚାଳନାଗତ କ୍ଷମତାର ବିସ୍ତାର ଘଟିଛି । ରେଜର୍‌ପେ (ପେମେଂଟ୍ ସମାଧାନ ପ୍ରଦାତା) ସହ ଏକ ଚୁକ୍ତି ଅଧିନରେ ୱାନ ପଏଂଟ୍ ୱାନ ସଲ୍ୟୁଶନ୍ସକୁ ଏହାର ବେଙ୍ଗାଲୁରୁ ଡେଲିଭରି ସେଂଟର ମାଧ୍ୟମରେ ବ୍ୟବସାୟିକ ସଂସ୍ଥା ଓ ସେବାର ପରିଚାଳନା ପାଇଁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି । ପ୍ରାରମ୍ଭିକ ଚୁକ୍ତିରୁ ଏହି ଉଲ୍ଲେଖନୀୟ ବହୁଗୁଣ ବୃଦ୍ଧି ୱାନ ପଏଂଟ୍ ୱାନ୍ ସଲ୍ୟୁଶନ୍ସର ସେବାର କ୍ଷମତା ଓ ନିର୍ଭରଯୋଗ୍ୟତା ଉପରେ ଗ୍ରାହକଙ୍କର ବିଶ୍ୱାସକୁ ସୂଚିତ କରୁଛି ।

କଂଗ୍ରେସ ଡାୟନାସୋର ପରି ବିଲୁପ୍ତ ହୋଇଯିବ

ଦନ୍ତେୱାଡ଼ା,୧୫।୪ : ଭାଜପାର ବରିଷ୍ଠ ନେତା ଏବଂ କେନ୍ଦ୍ର ରକ୍ଷାମନ୍ତ୍ରୀ ରାଜନାଥ ସିଂହ ଶନିବାର ଦିନ ବସ୍ତରରେ ଭାଜପା ପ୍ରାର୍ଥୀ ମହେଶ କଶ୍ୟପଙ୍କ

ସମର୍ଥନରେ ଦନ୍ତେୱାଡ଼ା ଜିଲ୍ଲାର ଗୀଦମରେ ନିର୍ବାଚନୀ ସଭାକୁ ସମ୍ବୋଧିତ କରିଛନ୍ତି ।

ଏହି ଅବସରରେ କେନ୍ଦ୍ର ରକ୍ଷାମନ୍ତ୍ରୀ କହିଛନ୍ତି ଯେ ଛତିଶଗଡ଼ରୁ ହୋଇଯିବ । କଂଗ୍ରେସ ମଧ୍ୟ ଶେଷ ଯେଉଁପରି ପୃଥିବୀରୁ ଡାୟନାସୋର ବିଲୁପ୍ତ ହୋଇଯାଇଛନ୍ତି, ସେହିପରି କଂଗ୍ରେସ ମଧ୍ୟ ଗାୟବ ହୋଇଯିବ । ସେ କହିଛନ୍ତି ଯେ ପୁରା ଛତିଶଗଡ଼ ଏହି ସମୟରେ କହୁଛି- ଆମଚୋ ସରକାର, ଆମଚୋ ମୋଦୀ, ଆମଚୋ ଭାଜପା, ଏହା ଛତିଶଗଡ଼ର ସ୍ୱର । ସେ କହିଛନ୍ତି ଯେ ଯେତେବେଳେ କଂଗ୍ରେସ ସରକାର ଏଠାରେ ଆସିଛି, ସେତେବେଳେ ଘୋଟାଲାର ଝଡ଼ ଆସିଯାଏ । ସେ କହିଛନ୍ତି ଯେ, ଆପଣ ଗତଥର ଛତିଶଗଡ଼ରେ କଂଗ୍ରେସ ସରକାର ବନାଇଦେଇଥିଲେ, ସେତେବେଳେ ଏଠାରେ ଗୋଠାନ ଘୋଟାଲା ହୋଇଯାଇଥିଲା, ଗୋବର ଘୋଟାଲା ହୋଇଥିଲା । କଂଗ୍ରେସର ଇତିହାସ ଘୋଟାଲାର ରହିଛି ଏବଂ ସେ ଦେଶରେ ଘୋଟାଲା ଉପରେ ଘୋଟାଲା କରି ଘୋଟାଲାର ଝଡ଼ ଆଣିଦେଇଥିଲେ ।

ସରବଜିତଙ୍କ ହତ୍ୟାକାରୀକୁ ହତ୍ୟା କଲେ ଦୁର୍ବୃତ୍ତ

ନୂଆଦିଲ୍ଲୀ,୧୫।୪ : ସରବଜିତଙ୍କ ହତ୍ୟାକାରୀକୁ ହତ୍ୟା କଲେ ଦୁର୍ବୃତ୍ତ । ପାକିସ୍ତାନରୁ ଏବେ ଏହି ବଡ ଖବର ସାମ୍ନାକୁ ଆସିଛି । ଲାହୋରରେ ଅଜ୍ଞାତ ଆକ୍ରମଣକାରୀମାନେ ଅଣ୍ଡରୱାର୍ଲ୍ଡ ଡନ୍ ଆମୀର ସରଫରାଜକୁ ହତ୍ୟା କରିଥିବା ଜଣାପଡ଼ିଛି । ଆମୀର ସରଫରାଜ ଯିଏକି ଆଇଏସଆଇର ନିର୍ଦ୍ଦେଶରେ ପାକିସ୍ତାନ ଜେଲରେ ଥିବା ଭାରତୀୟ ନାଗରିକ ସରବଜିତଙ୍କୁ ହତ୍ୟା କରିଥିଲା । ଆମୀର ସରଫରାଜ, ସରବଜିତଙ୍କ ମୁହଁକୁ ପଲିଥିନରେ ବାନ୍ଧିବା ସହ ଜେଲରେ ପିଟିପିଟି ହତ୍ୟା କରିଥିଲା । ପାକିସ୍ତାନୀ ଗୁଇନ୍ଦା ଏଜେନ୍ସି ଆଇଏସଆଇର ନିର୍ଦ୍ଦେଶରେ ଆମୀର ସରବଜିତଙ୍କୁ ନିର୍ଯାତନା ଦେଇ ହତ୍ୟା କରିଥିବା ସାମ୍ନାକୁ ଆସିଥିଲା । ଏବେ ତାକୁ ହତ୍ୟା କରାଯାଇଥିବା ଖବର ଜାତୀୟ ଗଣମାଧ୍ୟମ ଆଜ୍ ତକ ପ୍ରକାଶ କରିଛି । ଉଲ୍ଲେଖଯୋଗ୍ୟ, ଅଗଷ୍ଟ ୩୦, ୧୯୯୦ରେ ସରବଜିତ ଅଜାଣତରେ ପାକିସ୍ତାନ ସୀମାରେ ପହଞ୍ଚିଥିଲେ । ଏଠାରେ ତାଙ୍କୁ ପାକିସ୍ତାନ ସେନା

ଗିରଫ କରିଥିଲା । ଲାହୋର ଏବଂ ଫୈସଲାବାଦରେ ହୋଇଥିବା ବୋମା ବିସ୍ଫୋରଣରେ ୧୪ଜଣ ପ୍ରାଣ ହରାଇଥିଲେ । ଏହି ଆକ୍ରମଣରେ ସରବଜିତଙ୍କ ହାତ ଥିବା ଅଭିଯୋଗ କରି ତାଙ୍କୁ ଜେଲରେ ବନ୍ଦୀ କରିଦିଆଯାଇଥିଲା । ୧୯୯୧ରେ ସରବଜିତ ସିଂଙ୍କୁ ବୋମା ବିସ୍ଫୋରଣ କରିଥିବା ଅଭିଯୋଗରେ ଫାଶୀଦଣ୍ଡ ଦିଆଯାଇଥିଲା । ହେଲେ ପରେ ବର୍ଷ ବର୍ଷ ଧରି ପାକିସ୍ତାନ ସରକାର ତାଙ୍କ ଦଣ୍ଡ ଘୁଞ୍ଚାଇ ଚାଲିଥିଲେ । ଏମଧ୍ୟରେ ୨୦୧୩ରେ ଜେଲରେ ତାଙ୍କୁ ଅତି ନିର୍ମମ ଭାବେ ଆକ୍ରମଣ କରାଯିବା ସହ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ହୋଇଥିଲା ।

ଓକେ ପ୍ଲେ ଇଣ୍ଡିଆ ତ୍ରୈମାସ ଫଳାଫଳ ଘୋଷଣା

ନୂଆଦିଲ୍ଲୀ,୧୫।୪ : ପୁଷ୍ଟିକ ମୋଲ୍ଡେଡ ଫର୍ଣ୍ଣିଚର, ଆଉଟଡୋର ପ୍ଲେ ଇକ୍ୱିପମେଂଟ୍, ପଏଂଟ୍-ଅଫ୍-ପର୍‌ଚେଜ ପ୍ରଡକ୍ଟ, ଅଟୋମୋଟିଭ କମ୍ପୋନେଂଟ୍ ଓ ଇଲେକ୍‌ଟ୍ରିକ ଯାନର ଉତ୍ପାଦନ କ୍ଷେତ୍ରରେ ନିୟୋଜିତ ଅଗ୍ରଣୀ ସଂସ୍ଥା ଓକୋ ପ୍ଲେ ଇଣ୍ଡିଆ ଲିମିଟେଡ ଗତ ମାର୍ଚ୍ଚ ୩୧ ତାରିଖରେ ଶେଷ ହୋଇଥିବା ତ୍ରୈମାସ ଓ ଆର୍ଥିକ ବର୍ଷ ପାଇଁ ବର୍ଦ୍ଧିତ ଆୟ ସମ୍ପର୍କରେ ଘୋଷଣା କରିଛି । ୨୦୨୩-୨୪ ଆର୍ଥିକ ବର୍ଷର ଶେଷ ତଥା ୪ର୍ଥ ତ୍ରୈମାସରେ କମ୍ପାନୀର ରାଜସ୍ୱ ତ୍ରୈମାସ ଆଧାରରେ ୪୫% ବୃଦ୍ଧି ହୋଇ ୪୮୩୮.୪୬ ଲକ୍ଷ ଟଙ୍କା ରହିଥିବା ବେଳେ ଏବିଟଡା ୧୨୬% ବୃଦ୍ଧି ହୋଇ ୫୭୧.୮୩ ଲକ୍ଷ ଟଙ୍କା ଏବଂ ପିଏଟି ୪୨୬.୩୩ ଲକ୍ଷ ଟଙ୍କା ରହିଛି । ସେହିପରି ନିକଟରେ କମ୍ପାନୀ ୧:୧୦ ଅନୁପାତରେ ଇକ୍ୱିଟି ସେୟାରର ବିଭାଜନକୁ କାର୍ଯ୍ୟକାରୀ କରିଥିଲା । ଏହାପୂର୍ବରୁ କମ୍ପାନୀ ଘୋଷଣା କରିଥିଲା ଯେ, ନିକଟରେ ଅଧିଗ୍ରହଣ କରିଥିବା ଏହାର ସହାୟକ କମ୍ପାନୀ ଏମ୍‌ଆର୍‌ଏଚ୍ ଟେକ୍ନୋଲୋଜିସ୍ ପ୍ରା.ଲିଃ ମ୍ୟାନ୍+ହମେଲ ଫିଲ୍ମର ପ୍ରାଇଭେଟ ଲିମିଟେଡ ସହ ଏକ ଚୁକ୍ତି ସ୍ୱାକ୍ଷର କରିଛି ।

ଲୁଟ୍ ଉଦ୍ୟମ ପଣ୍ଡ, ୧୧ ଗିରଫ

କେନ୍ଦୁଝର,୧୫।୪ (ମହାଭାରତ): ଗତ କିଛି ଦିନ ହେଲା ଏହି ଲୁଟେରା ଦଳ ଝୁମ୍ପୁରା ଥାନା ଅଞ୍ଚଳର ବିଭିନ୍ନ ରାସ୍ତାରେ ଯା' ଆସ କରୁଥିବା ଗାଡ଼ିଗୁଡ଼ିକୁ ଅଟକାଇ ଲୁଟ୍ କରୁଥିଲେ । କେନ୍ଦୁଝର ପୁଲିସ୍ ହାତରେ ଧରାପଡ଼ିଛନ୍ତି ୧୧ ଜଣ ଲୁଟେରାୟ ସେମାନଙ୍କ ମଧ୍ୟରେ ଜଣେ ନାବାଳକ ଅଛନ୍ତି । ସେମାନଙ୍କଠାରୁ ୨୫୦୦ ଟଙ୍କା, ଲୁହା ରଡ, ଖଣ୍ଡା ଓ ଅନ୍ୟାନ୍ୟ ମାରଣାସ୍ତ୍ର ଜବତ କରାଯାଇଛି । ଗତ କିଛି ଦିନ ହେଲା ଏହି ଲୁଟେରା ଦଳ ଝୁମ୍ପୁରା ଥାନା ଅଞ୍ଚଳର ବିଭିନ୍ନ ରାସ୍ତାରେ ଯା' ଆସ କରୁଥିବା ଗାଡ଼ିଗୁଡ଼ିକୁ ଅଟକାଇ ଲୁଟ୍ କରୁଥିଲେ । ଏପରିକି କେହି ଗାଡ଼ି ନ ଅଟକାଇଲେ ସେମାନେ ଆକ୍ରମଣ କରୁଥିଲେ ।

ଗତକାଲି ରାତିରେ ସେମାନେ ଝୁମ୍ପୁରା ଥାନା କଟଲପଷି-ଧାତିକା ରାସ୍ତାରେ ଟ୍ରକ ଏବଂ ଅନ୍ୟାନ୍ୟ ଗାଡ଼ି ଚାଳକମାନଙ୍କୁ ଭୟଭୀତ କରି ଲୁଟ୍ ଉଦ୍ୟମ କରୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଚାଉ କରିଥିଲା ପୁଲିସୟ ସେଠାରୁ ପୁଲିସ ୧୧ ଜଣଙ୍କୁ ଧରିଥିଲା ଓ ସେମାନଙ୍କଠାରୁ ଟଙ୍କା ଓ ମାରଣାସ୍ତ୍ର ଜବତ କରିଥିଲା । ଆଜି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

ପୋତି ହୋଇଗଲାଣି ଡେମ୍ଫାନାଳ

କଣିହାଁ,୧୫।୪ (ମହାଭାରତ): ଅନୁଗୁଳ ଜିଲ୍ଲା ଛେଣ୍ଡିପଦା ବ୍ଲକ୍ରୁ ବାହାରି କଣିହାଁ ବ୍ଲକ୍ ଅଞ୍ଚଳ ଦେଇ ପ୍ରବାହିତ ଡେମ୍ଫାନାଳ ଏବେ ମରଣ ମୁହଁରେ । ଦିନ ଥିଲା ଏହି ନାଳରେ ବର୍ଷସାରା ପାଣି ରହୁଥିଲା । ଅଞ୍ଚଳବାସୀଙ୍କ ପାଇଁ ଏହାଥିଲା ପ୍ରକୃତିର ଆଶୀର୍ବାଦ । ନାଳଟି କିନ୍ତୁ ମରି ମରି ଯାଉଛି । ଏହାର ସଂରକ୍ଷଣ ଓ ପୁନରୁଦ୍ଧାର ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଉ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । କଣିହାଁ ବ୍ଲକ୍ର ସାନତ୍ରିବିଡ଼ା, ବଡ଼ତ୍ରିବିଡ଼ା, କମରେଇ, ବିଜିଗୋଳ ପଞ୍ଚାୟତ ଅଞ୍ଚଳ ଦେଇ ଡେମ୍ଫାନାଳ ବହିଯାଇଛି । ବ୍ଲକ୍‌ର ପାଖାପାଖି ୨୫ କିଲୋମିଟର ଅତିକ୍ରମ କରି ଏହା ବ୍ରାହ୍ମଣୀ ନଦୀରେ ମିଶିଛି । ଚିରସ୍ରୋତା ଥିବାରୁ ଅଞ୍ଚଳବାସୀ ଏଥିରେ ସ୍ନାନଶେଚ ହେଉଥିଲେ । ଜୀବଜନ୍ତୁ ଏଥିରୁ ପାଣି ପିଉଥିଲେ । ଲୋକମାନେ ପାନୀୟଜଳ ସଂଗ୍ରହ କରୁଥିଲେ । ଏହାର କୂଳରେ ନିର୍ମାଣ ହୋଇଥିଲା ଉଠା ଜଳସେଚନ ପଏଣ୍ଟ । ବଡ଼ତ୍ରିବିଡ଼ା, ହରିଚନ୍ଦନପୁର, ବାରିହାପୁରଠାରେ ଚେକ୍ ଡ୍ୟାମ୍ ନିର୍ମାଣ କରାଯାଇଛିୟ କିଛିବର୍ଷ ହେଲା ନାଳ ଶୁଖିଲା ପଡୁଛିୟ

ବର୍ଷରେ ପ୍ରାୟ ୯ ମାସ ନାଳର ଜଳଧାରା ଶୁଖିଯାଉଛି । ଚେକ୍ ଡ୍ୟାମ୍‌ଗୁଡ଼ିକ ଦ୍ୱାରା କେବଳ ବର୍ଷାଋତୁରେ ପାଖ ଜମିରେ ପାଣି ମାଡୁଛି । ଅନ୍ୟ ଋତୁରେ ଚେକ୍ ଡ୍ୟାମ୍‌ରେ ପାଣି ରହୁନାହିଁ । ଉଠାଜଳସେଚନ ପଏଣ୍ଟ ଗୁଡ଼ିକ ମଧ୍ୟ କାମରେ ଲାଗୁନାହିଁ । ସେଗୁଡ଼ିକ ଅଚଳ ହୋଇ ପଡ଼ିଛି । ନାଳ ଭିତରେ ବୁଛି କାଇଁଶ(କାଶତଣ୍ଡୀ), ଅନାବନା ଗଛର ଜଙ୍ଗଲ । ଏଥିରେ ଜଙ୍ଗଲୀ ହିଂସ୍ରଜନ୍ତୁ ବାସକରୁଥିବା ଶୁଣାଯାଉଛି । ତେଣୁ ନାଳକୁ ଯିବା ପାଇଁ ଲୋକେ ଭୟ କରୁଛନ୍ତି । ଏହି ନାଳ ଅନେକ ଜାଗାରେ ପୋତି ହୋଇଗଲାଣି । ମାଫିଆମାନେ ନାଳର କେତେକ ଜାଗାରୁ ବାଲି ଖୋଳି ନେଉଛନ୍ତି । ସେହି ଜାଗାରେ ବଡ଼ ବଡ଼ ଖାଲ ଥିବା ଦେଖାଯାଇଛି । ନାଳ ଶଯ୍ୟାରୁ ବାଲି ଖୋଳି ନିଆଯିବାରୁ ନାଳଟି ଶୁଖିଯିବାର ଅନ୍ୟତମ କାରଣ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଏହି ନାଳରୁ ଜଳସେଚନ ଦ୍ୱାରା ପୂର୍ବରୁ ଯେପରି ଫସଲ ଚାଷ ହେଉଥିଲା, ଏବେ ତାହା ସମ୍ଭବ ହେଉନାହିଁ । ଅଞ୍ଚଳବାସୀଙ୍କ ପାଇଁ ତାହା ଚିନ୍ତାର କାରଣ ପାଲଟିଛି ।

ଅଟୋ ଓଲଟି ୧୦ ଆହତ

କୁଚିଣ୍ଡା,୧୫।୪ (ମହାଭାରତ): ଆଜି ସକାଳେ ଏକ ଅଟୋ ଯୋଗେ ଗୋଟିଏ ପରିବାରର ୧୦ଜଣ ତେରେଙ୍ଗାମାଳରୁ କୁଚିଣ୍ଡା ଅଭିମୁଖେ ଯାଉଥିଲେ । ସୁନ୍ଦରଗଡ଼ ଜିଲ୍ଲା କୁଚିଣ୍ଡା ଥାନା ଅନ୍ତର୍ଗତ ଘୋଡ଼ାବାନ୍ଧୁଣୀ ଛକ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏକ ଅଟୋ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ଗୋଟିଏ ପରିବାରର ୧୦ ଜଣ ଆହତ ହୋଇଛନ୍ତି । ଆହତମାନଙ୍କୁ କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଆହତଙ୍କ ମଧ୍ୟରେ ୨ଜଣଙ୍କ ଅବସ୍ଥା ଗୁରୁତର ରହିଛି । ଆଜି ସକାଳେ ଏକ ଅଟୋ ଯୋଗେ ଗୋଟିଏ ପରିବାରର ୧୦ଜଣ ତେରେଙ୍ଗାମାଳରୁ କୁଚିଣ୍ଡା ଅଭିମୁଖେ ଯାଉଥିଲେ ।ଏହି ସମୟରେ ଘୋଡ଼ାବାନ୍ଧୁଣୀ ଛକ ନିକଟରେ ଅଟୋଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ଦୁର୍ଘଟଣାରେ ୧୦ଜଣ ଆହତ ହୋଇଛନ୍ତି । ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ପୁଲିସ ଅଟୋକୁ ଜବତ କରି ଘଟଣାର ତଦନ୍ତ କରୁଛି ।

ଗର୍ଭବତୀକୁ ହତ୍ୟା କଲେ ବିବାହିତ ପ୍ରେମିକ

ସୁନ୍ଦରଗଡ,୧୫।୪ (ମହାଭାରତ): ସତ୍ୟବାନର ପୂର୍ବରୁ ଦୁଇଜଣ ସ୍ତ୍ରୀ ରହିଥିବା ବେଳେ ସୁନ୍ଦରଗଡ ଜିଲ୍ଲା କୋଇଡା ଥାନା ଅନ୍ତର୍ଗତ ବଡ ଇନ୍ଦୁପୁର ଗ୍ରାମର ଜଣେ ଯୁବତୀଙ୍କୁ ନିଜ ପ୍ରେମ ଜାଲରେ ଫସାଇଥିଲା ।

ଘରେ ଦୁଇ ଦୁଇଟି ସ୍ତ୍ରୀ ଥାଇ ବି ମନ ବୁଝିଲାନ । ମିଠା ମିଠା କଥା କହି ଜଣେ ଯୁବତୀଙ୍କୁ ପ୍ରଥମେ ପ୍ରେମ ଜାଲରେ ଫସାଇଲେ । ତା' ପରେ ବିବାହ ପ୍ରତିଶ୍ରୁତି ଦେଇ ଗର୍ଭବତୀ କରାଇଲେ । ଯୁବତୀ ଜଣଙ୍କ ୨ମାସର ଗର୍ଭବତୀ ଥିବା ଜାଣିବା ପରେ ତଣ୍ଟିଚିପି ମାରିଦେଇ ଆତ୍ମହତ୍ୟା ରୂପ ଦେଲା ଅଭିଯୁକ୍ତ । କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ଅନ୍ତର୍ଗତ ସୋୟାବାଲି ଜଙ୍ଗଲରୁ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣାରେ ପର୍ଦ୍ଦାଫାସ କରିଛି ବଡବିଲ ପୁଲିସ । ଏହା ହତ୍ୟାକାଣ୍ଡ ହୋଇଥିବା ବେଳେ ପୁଲିସ ଏହି ଘଟଣାର ଅଭିଯୁକ୍ତ ତଥା ମୃତ ଯୁବତୀଙ୍କ ପ୍ରେମୀ ସତ୍ୟବାନ୍ ବେହେରାକୁ ଗିରଫ କରିଛି ।

ହାଇସ୍କୋରିଂ ମ୍ୟାଚରେ ହାରିଲା ଆରସିବି

ବେଙ୍ଗାଲୁରୁ,୧୫।୪: ଆଜିର ଆଇପିଏଲ୍ ହାଇସ୍କୋରିଂ ମ୍ୟାଚରେ ସନରାଇଜର୍ସ ହାଇଦ୍ରାବାଦ ୨୫ ରନ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ପରାସ୍ତ କରିଛି। ଫଳରେ ହାଇଦ୍ରାବାଦର ୪ର୍ଥ ବିଜୟ ସହ ପଏଣ୍ଟ ସଂଖ୍ୟା ୮କୁ ବୃଦ୍ଧି ପାଇଥିବାବେଳେ ବେଙ୍ଗାଲୁରୁର ପରାଜୟ ଧାରା ବଜାୟ ରହିଛି।ଆଇପିଏଲ ଇତିହାସରେ ସର୍ବାଧିକ ରନ(ଗୋଟିଏ ମ୍ୟାଚ) ହାସଲକାରୀ ଦଳ ବନିଛି ହାଇଦ୍ରାବାଦ। ଚଳିତ ଆଇପିଏଲରେ ଦ୍ୱିତୀୟ ଥର ପାଇଁ ଏପରି ରେକର୍ଡ କରିଛି ଦଳ। ଆଜି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ(ଆରସିବି) ବିପକ୍ଷରେ ଦଳ ୨୦ ଓଭରରେ ୩ ୱିକେଟ ହରାଇ ରେକର୍ଡ ୨୮୬ ରନ କରିଛି।ଏହାପୂର୍ବରୁ ସର୍ବାଧିକ ରନ ରେକର୍ଡ ସେହି ହାଇଦ୍ରାବାଦ ନାଁରେ ଥିଲା ଦଳ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ୨୭୭ ରନ କରିଥିଲା ମାତ୍ର କିଛି ଦିନ ବ୍ୟବଧାନରେ ଆଜି ହାଇଦ୍ରାବାଦ ନିଜ ରେକର୍ଡକୁ ନିଜେ ଭାଙ୍ଗି ଦେଇଛି। ଜବାବରେ ବେଙ୍ଗାଲୁରୁ ୭ ୱିକେଟ ହରାଇ ୨୬୨ ରନ୍ କରିଥିଲା। ଦଳ ପକ୍ଷରୁ ଦିନେଶ କାର୍ତ୍ତିକ ୮୩ ରନ୍, କୋହଲି ୪୨, ଫାଫ ଡୁ ପ୍ଲେସିସ୍ ୬୨ ରନ୍ କରିଥିଲେ।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରୁଥିବା ହାଇଦ୍ରାବାଦ ପାଇଁ ହେଡ୍ ଓ ଅଭିଷେକ ପ୍ରଥମ ିକେଟରେ ୧୦୮ ରନ ଯୋଡ଼ିଥିଲେ ୮ ଓଭରରେ ଦଳର ସ୍କୋର ୧୦୮ରେ ପହଞ୍ଚାଇ ଦେଇଥିଲେ ତେବେ ୯ ଓଭରର ପ୍ରଥମ ବଲରେ ୨୨ ବଲରେ ୩୪ ରନ କରିଥିବା ଅଭିଷେକ ଆଉଟ ହୋଇଯାଇଥିଲେ ତାଙ୍କ କେଟ ରିସ ଟପଲୀ ନେଇଥିଲେ।।

ଏହାପରେ ଆସିଥିଲେ କ୍ଲାସେନ ସେ ଓ ହେଡ ବଢ଼ବଢ଼ ଶଟ ଖେଳି ଚାଲିଥିଲେ ହେଡ୍ ଚୌକା ମାରି ଆଇପିଏଲ କ୍ୟାରିୟରରେ ନିଜର ପ୍ରଥମ ଶତକ ହାସଲ କରିଥିଲେ। ୩୯ ବଲରେ ଶତକ ହାସଲ କରିଥିବା ହେଡ ଆଉ ୨ ରନ କରି ଆଉଟ ହୋଇଯାଇଥିଲେ ଆଉଟ ହେବା ପୂର୍ବରୁ ସେ ୯ଟି ଚୌକା ଓ ୮ଟି ଛକା ବଳରେ ୧୦୨ ରନର ଇନିଂସ ଖେଳିଥିଲେ।

ହେଡ୍ ଆଉଟ ହୋଇଥିଲେ ମଧ୍ୟ ଏହାର ପ୍ରଭାବ ହାଇଦ୍ରାବାଦର ରନ ସଂଗ୍ରହହାରରେ ପଡ଼ି ନଥିଲା। କ୍ଲାସେନ ଛକା ବର୍ଷା କରିବାରେ ଲାଗିଥିଲେ। ସେ ଛକା ମାରି ମାତ୍ର ୨୩ ବଲରେ ଚଳିତ ଆଇପିଏଲରେ ଆଉ ଏକ ଅର୍ଦ୍ଧଶତକ ହାସଲ କରିଥିଲେ। ସେହିପରି ଲକି ଫର୍ଗୁସନଙ୍କୁ ୧୦୬ ମିଟର ଦୂରକୁ ଗୋଟିଏ ଛକା ମାରି ନିଜର ବିସ୍ଫୋରକ ରୂପ ଦେଖାଇଥିଲେ। କିନ୍ତୁ ସେହି ଫର୍ଗୁସନ ୧୭ମ ଓଭରରେ ଆଉଟ କରି ମଧୁର ପ୍ରତିଶୋଧ ନେଇଥିଲେ ୩୧ ବଲରେ ୬୭ ରନ ଇନିଂସ ଖେଳିଥିବା କ୍ଲାସେନ ୭ଟି ଛକା ଓ ୨ଟି ଚୌକା ମାରିଛନ୍ତି କ୍ଲାସେନଙ୍କ ପରେ ଅବଦୁଲ ସାମଦ ନିଜର ବିସ୍ଫୋରକ ରୂପ ଦେଖାଇଥିଲେ ସେ ୧୯ତମ ଓଭର ବୋଲିଂ କରୁଥିବା ଟପଲୀଙ୍କ ଠାରୁ ୨୫ ରନ ଆଦାୟ କରି ଦଳୀୟ ସ୍କୋରକୁ ୨୬୬ରେ ପହଞ୍ଚାଇ ଦେଇଥିଲେ।। ହାଇଦ୍ରାବାଦ ନିର୍ଦ୍ଧି;ରିତ ୨୦ ଓଭରରେ ୩ିକେଟ ହରାଇ ୨୮୬ ରନ କରିଛି। ସାମଦ ଶେଷ ଯାଏ ୧୦ ବଲରେ ୩୭ ଓ ମାର୍କରମ ୧୭ ବଲରେ ୩୨ ରନ କରି ଅପରାଜିତ ରହିଥିଲେ ଏବେ ଆରସିବିକୁ ଏହି ମ୍ୟାଚ୍ ଜିତିବା ପାଇଁ ରେକର୍ଡ ୨୮୭ ରନ କରିବାକୁ ପଡ଼ିବ ସାମଦ ତାଙ୍କ ଇନିଂସରେ ୩ଟି ଛକା ଓ ୪ଟି ଚୌକା ମାରିଛନ୍ତି।

ରେକର୍ଡ ଉପରେ ନଜର ପକାଇଲେ ଆରସିବି ୨୦୧୩ରେ ପୁଣେ ାରିୟର୍ସ ବିପକ୍ଷରେ ୫ କେଟ ହରାଇ ୨୬୩ ରନ କରିଥିଲା ସେହିପରି ଲକ୍ଷ୍ନୌ ସୁପର ଜାଏଣ୍ଟସ ୨୦୨୩ରେ ପଞ୍ଜାବ କିଙ୍ଗସ ବିପକ୍ଷରେ ୫ କେଟ ହରାଇ ୨୫୭ ରନ, ଆରସିବି ୨୦୧୬ରେ ଗୁଜରାଟ ଲାଏଅନ୍ସ ବିପକ୍ଷରେ ୩ିକେଟ ହରାଇ ୨୪୮ ରନ ଓ ୨୦୧୦ରେ ଚେନ୍ନାଇ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ୫ୱିକେଟ ହରାଇ ୨୪୬ ରନ କରିଥିଲା।

ସେହିପରି ହାଇଦ୍ରାବାଦ ଚଳିତ ବର୍ଷ ମୁମ୍ବାଇ ବିପକ୍ଷରରେ ୩ ୱିକେଟ ହରାଇ ୨୭୭ ରନ କରିଥିଲା କିନ୍ତୁ ହାଇଦ୍ରାବାଦ ଆଜି ନିଜ ସହ ସବୁ ଦଳର ସ୍କୋରକୁ ପଛରେ ପକାଇ ୨୦ ଓଭରରେ ୩ ୱିକେଟ ହରାଇ ୨୮୬ ରନ କରିଛି।

ପୋଲିସ ହେପାଜତରେ ପୂର୍ବତନ ଅଷ୍ଟ୍ରେଲୀୟ କ୍ରିକେଟର ମାଇକେଲ ସ୍ଲାଟର

ବ୍ରିସ୍‌ବେନ୍,୧୫।୪: ପୂର୍ବତନ ଅଷ୍ଟ୍ରେଲୀୟ କ୍ରିକେଟର ଓ ଭାଷ୍ୟକାର ମାଇକେଲ ସ୍ଲାଟର ବର୍ତ୍ତମାନ ପୋଲିସ ହେପାଜତରେ ଅଛନ୍ତି। ପୋଲିସ ତାଙ୍କୁ ବିଭିନ୍ନ ଅପରାଧିକ ମାମଲାରେ ଗିରଫ କରି ପଚରାଉଚରା କରୁଛି ରାତିରେ ଅନ୍ୟକୁ ଭୟଭୀତ କରିବା, ଝଗଡ଼ା କରିବା, ମାରପିଟ କରିବା, ଘରୋଇ ହିଂସା ଆଦି ଅଭିଯୋଗରେ ତାଙ୍କ ବିରୋଧରେ ଏକ ଡଜନରୁ ଊର୍ଦ୍ଧ୍ୱ ମାମଲା କୁଇନ୍ସଲାଣ୍ଡସ୍ଥିତ ମାରୁଚିଡୋର୍ ମାଜିଷ୍ଟ୍ରେଟ୍ କୋର୍ଟରେ ରୁଜୁ ହୋଇଛି। ମିଳିଥିବା ସୂଚନା ମୁତାବକ, ୫୪ ବର୍ଷୀୟ ସ୍ଲାଟର ଗତବର୍ଷ ଡିସେମ୍ବର ୫ ଏବଂ ଏପ୍ରିଲ ୧୨ ମଧ୍ୟରେ ବିଭିନ୍ନ ତାରିଖରେ ସନ୍‌ସାଇନ କୋଷ୍ଟ ଅଞ୍ଚଳରେ ମୋଟ ୧୯ଟି ଅପରାଧିକ ମାମଲା ରହିଛି ଅଷ୍ଟ୍ରେଲିଆର ପୂର୍ବତନ ଡାହାଣହାତୀ ଓପନର ସ୍ଲାଟର ୧୯୯୩ ଓ ୨୦୦୩ ମଧ୍ୟରେ ଦେଶ ପାଇଁ ୭୪ ଟେଷ୍ଟ ଓ ୪୨ ଅନ୍ତର୍ଜାତୀୟ ଦିନିକିଆ। ଖେଳିଛନ୍ତି।

ମା ଉଦୟଗିରି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିରତ

ବିଷମ କଟକ,୧୫।୪(ମହାଭାରତ୦: ରାୟଗଡା ଜିଲ୍ଲା ବିଷମକଟକ ବ୍ଲକ,ସାହାଡ଼ା ଗ୍ରାମ ରେ ଆଜି ମା ଉଦୟଗିରି କ୍ରିକେଟ ଟର୍ଣ୍ଣାମେଣ୍ଟ ଶୁଭ ଉଦଘାଟନ ହୋଇଯାଇଛି। ଆଜିର ଏହି ଶୁଭ ଉଦଘାଟନ କ୍ରିକେଟ ଟର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ ଅନୁସୂଚିତ ଜାତି, ଜନ ଜାତି ଓ ପଛୁଆ। ବର୍ଗ ସଂଖ୍ୟାଲଘୁ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଏବଂ ବିଜୁସ୍ୱାସ୍ଥ୍ୟ କଲ୍ୟାଣ ଉପଦେଷ୍ଟା ସୁଧୀର କୁମାର ଦାସ ଯୋଗ ଦେଇ କ୍ରିକେଟ ଟୁର୍ନାମେଣ୍ଟ ର ଉଦଘାଟନି ମେଚ ରେ ରେବନ କାଟି ଖେଳ ଆରମ୍ଭ କରିଥିଲେ ଆଜିର ଏହି ଉଦ୍ଘାଘାଟନି ମେଚରେ ଜିଲ୍ଲା ପରିଷଦ ବିଜୟ ଶାନ୍ତି କୁମ୍ଭକା, ଡୁକୁମ ସରପଞ୍ଚ କିରଣ ସାରକା, ପୂର୍ବତନ ସାହାଡ଼ା ସରପଞ୍ଚ ଜୟରାମ କାଡ୍ରାକା, ପୂର୍ତ୍ତନ ଉପାଧକ୍ଷ ରମେଶ ପାଲାକା, ଭାତପୁର ପୂର୍ବତନ ସରପଞ୍ଚ ଗଙ୍ଗା ହୁଇକା,ବିଜେଡି ଯୁବନେତା ଅଙ୍ଗଦ କଲକା, ଆଶ୍ରିବାଦ ପାଲ, ଅଶୋକ ପାଡ଼ି, ଚନ୍ଦନ ମାଣ୍ଡିକା, ରାମଚନ୍ଦ୍ର କୁଟ୍ଟୁକା ସମେତ ଉପସ୍ଥିତ ଥିଲେ।

ଏହି କ୍ରିକେଟ ଟର୍ଣ୍ଣାମେଣ୍ଟର ୨୪ ଟି ଦୋଳ ଭାଗ ଥିବାବେଳେ ବିଜୟ ଦଳ କୁ ୩୦.୦୦୦ଟଙ୍କା ସହ ଟ୍ରଫି ଏବଂ ପରାଜୟ ଦଳ କୁ ୨୦.୦୦୦ ଟଙ୍କା ସହ ଟ୍ରଫି ରଖାଯାଇଛି ଉପସ୍ଥିତ ଥିବା ଅତିଥି ମାନେ ଉଭୟ ଦଳ ପକ୍ଷରୁ ଖେଳାଳି ମାନଙ୍କୁ ସାକ୍ଷାତ କରି କ୍ରିକେଟ ଖେଳ ଏକ ବନ୍ଧୁତା ର ଖେଳ ଭଲ ଖେଳଖେଳି ଅଞ୍ଚଳର ଓ ଜିଲ୍ଲାର ନାମ ରଖିବା ଏବଂ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ଗୋଟିଏ ଭଲ ଖେଳାଳି ପାଇଁ ଜରୁରୀ ବୋଲି ପରାମର୍ଶଦେଇଥିଲେ ତୃତୀୟ ଥର ପାଇଁ ମା ଉଦୟଗିରି କ୍ରିକେଟ ଟୁର୍ନାମେଣ୍ଟ କରାଯାଇଥିବା ଯୋଗୁ ଅଞ୍ଚଳରେ ଦର୍ଶକ ମାନଙ୍କ ମଧ୍ୟରେ କ୍ରିକେଟ ଟର୍ଣ୍ଣାମେଣ୍ଟ ପ୍ରତି ଉତ୍ସାହ ଦେଖିବାକୁ ମିଳିଛି ।

ଏହି ଟୁର୍ନାମେଣ୍ଟ କୁ ସାହଡା ଆଦିବାସୀ ସାହି ଯୁବକ ମାନେ ଆୟୋଜନ କରିଥିବା ବେଳେ ଏଠାରେ ସୁରେନ୍ଦ୍ର ମାଣ୍ଡିକା, ଜାଗିଲି, ସୁରେଶ, ଚିକୁ, ନିକୁ, ପରକ୍ଷିତ, ହେମରାଜ, ରାମରାଓ, ସୁବାରାଓ, ପପୁ ସମେତ ଅନେକ ସହଯୋଗ କରିଛନ୍ତି ।

ଭାରତକୁ ୦-୫ରେ ମୂଳପୋଛ କଲା ଅଷ୍ଟ୍ରେଲିଆ

ପର୍ଥ,୧୫।୪: ଅଷ୍ଟ୍ରେଲିଆ ଗସ୍ତରେ ଥିବା ଭାରତୀୟ ହକି ଦଳ ସେଠାରେ ୦-୫ରେ ମୂଳପୋଛ ହେବାର ଲଜ୍ଜାଜନକ ପ୍ରଦର୍ଶନ କରିଛି। ପ୍ରଥମ ତିନି ମ୍ୟାଚ୍ ହାରି ଶୃଙ୍ଖଳା ହାତଛଡ଼ା କରିସାରିଥିବା ଭାରତୀୟ ଦଳ ଚତୁର୍ଥ ମୁକାବିଲାକୁ ୧-୩ ଗୋଲ୍‌ରେ ପରାସ୍ତ ହୋଇ ୦-୪ରେ ପଛୁଆ ଥିଲା। ଏଣୁ ଅନ୍ତତଃ ଶନିବାରର ପଞ୍ଚମ ତଥା ଶେଷ ମୁକାବିଲାକୁ ଜିତି ସମ୍ମାନ ରଖିବ ବୋଲି ପ୍ରଶଂସକ ଆଶା ରଖିଥିଲେ। ହେଲେ ପୂର୍ବ ମ୍ୟାଚ୍ ଗୁଡ଼ିକଠୁ ଅପେକ୍ଷାକୃତ ଭଲ ପ୍ରଦର୍ଶନ କରିଥିଲେ ବି ପରାଜୟକୁ ପୁଣିଥରେ ଏଡ଼ାଇ ପାରି ନଥିଲେ ।ଭାରତୀୟ ଖେଳାଳି ଫଳରେ ଶେଷ ଲଢ଼େଇକୁ ୨-୩ ଗୋଲ୍‌ରେ ହାରିଥିଲେ। ତା ସହ ଅଷ୍ଟ୍ରେଲିଆ ମାଟିରେ ଶୃଙ୍ଖଳାର ସବୁ ମ୍ୟାଚ୍ ହାରିଥିବା କିଛି ହତଭାଗା ଖେଳାଳି ତାଲିକାରେ ସ୍ଥାନ ପାଇବାର ଅପଯଶ ମୁଣ୍ଡାଇଥିଲେ। ଏହି ଗସ୍ତରେ କଙ୍ଗାରୁ ଦଳ ବିପକ୍ଷରେ ଭାରତ ଖେଳିଥିବା ୫ଟି ଯାକ ମ୍ୟାଚ୍‌କୁ ଯଥାକ୍ରମେ ୧-୫, ୨-୪, ୧-୨, ୧-୩ ଓ ୨-୩ ଗୋଲ୍‌ରେ ହାରିଛି

ଫଳରେ ଦଳର ରଣନୀତି ପୂରା ବିଫଳ ହୋଇଛି।

ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି ଲାଗି ଭାରତ ଏହି ଶୃଙ୍ଖଳା ଖେଳୁଥିଲା। ତେବେ ଏଭଳି ଶୋଚନୀୟ ପ୍ରଦର୍ଶନ ଦଳରେ ଥିବା ମାତ୍ରାଧିକ ଦୁର୍ବଳତାକୁ ପଦାରେ ପକାଇଛି। ଭାରତ କିନ୍ତୁ ଶନିବାର ଆରମ୍ଭରୁ ଆକ୍ରମଣ କରିଥିଲା। ହର୍ମନପ୍ରୀତଙ୍କ ଗୋଲ୍ ବଳରେ ଚତୁର୍ଥ ମିନିଟ୍‌ରେ ଆଗୁଆ ହୋଇଥିଲା। ପ୍ରଥମ କ୍ୱାର୍ଟର ୧-୦ରେ ନିଜ ସପକ୍ଷରେ ରଖିଥିଲା। ୨୦ ମିନିଟ୍‌ରେ ଜେରମି ହୋର୍ଡଙ୍କ ଫିଲ୍ଡ ଗୋଲ୍ ବଳରେ ସ୍ଥିତି ୧-୧ କରି ନେଇଥିଲା। ସେହିଭଳି ୩୮ ଓ ୩୯ତମ ମିନିଟ୍‌ରେ କାଏ ୱିଲଟ୍ ଓ ଟିମ୍ ବ୍ରାଣ୍ଡ ଗୋଲ ବଳରେ ୩-୧ରେ ଆଗୁଆ ହୋଇଯାଇଥିଲା। ବବି ସିଂହ ଧାନି ୫୩ ମିନିଟ୍‌ରେ ଆଉ ଏକ ଗୋଲ୍ ଦେବାରୁ ପରାଜୟ ବ୍ୟବଧାନକୁ କମାଇ ପାରିଥିଲା ମ୍ୟାଚ୍‌ର ଶେଷ ୭ ମିନିଟ୍‌ରେ କେହି କାହାରିକୁ ଗୋଲ୍ ଦେଇ ପାରି ନଥିଲେ।

ଶାହରୁଖଙ୍କୁ ଚାହାନ୍ତି ବଟଲର୍

ନୂଆଦିଲ୍ଲୀ,୧୫।୪(ଏଜେନ୍ସି): ରାଜସ୍ଥାନ ରୟାଲ୍ସର ଦୁଇ ଖେଳାଳି ଜୋସ୍ ବଟଲର୍ ଓ ଟ୍ରେଣ୍ଟ ବୋଲ୍ଟ ପରସ୍ପରର ସାକ୍ଷାତକାର ନେଉଥିବା ସମୟର ଏକ ଭିଡିଓକୁ ଦଳ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରାଯାଇଛି। ଯଦି ବାୟୋପିକ୍ ନିର୍ମାଣ କରାଯାଏ, ତାହେଲେ ତୁମ ଭୂମିକାରେ କେଉଁ ବଲିଉଡ୍ ଅଭିନେତା ଅଭିନୟ କରିପାରିବେ ବୋଲି ବଟଲରଙ୍କୁ ବୋଲ୍ଟ ପ୍ରଶ୍ନ କରିଥିଲେ। ଏହାର ଜବାବରେ ବଟଲର୍ ଶାହରୁଖ ଖାନ୍‌ଙ୍କୁ ବାଛିଥିଲେ ସେହିପରି ବାଜ୍‌ବଲ୍ ଓ ଜେସବଲ୍ ଭିତରୁ ଜଣକୁ ବାଛିବାକୁ କୁହାଯାଇଥିଲା ବେଳେ ସେ ଦ୍ୱିତୀୟଟିକୁ ବାଛିଥିଲେ ଆଇପିଏଲ୍‌ରେ ଖେଳୁଥିବା ଆଫଗାନ କ୍ରିକେଟର ରସିଦ ଖାନ୍‌ଙ୍କୁ ବଟଲର୍ ତାଙ୍କ ଦଳରେ ନେବାକୁ ପସନ୍ଦ କରିବେ ବୋଲି ଅନ୍ୟ ଏକ ଉତ୍ତରରେ କହିଥିଲେ। ସେହିପରି ବୋଲ୍ଟ ଯଦି କ୍ରିକେଟର୍ ହୋଇନଥାନ୍ତେ, ତାହେଲେ ପୋଷ୍ଟମ୍ୟାନ୍ ହୋଇଥାନ୍ତେ ବୋଲି ତାଙ୍କୁ ପଚରାଯାଇଥିବା ଏକ ପ୍ରଶ୍ନର ଉତ୍ତର ରଖିଥିଲେ ସେହିପରି ଭାରତୀୟଙ୍କ ମଧ୍ୟରେ କେ୍‌ଏଲ୍ ରାହୁଲ୍ ତାଙ୍କର ପସନ୍ଦର ଖେଳାଳି ଏବଂ ବିରାଟ କୋହଲିଙ୍କ କଭର୍ ଡ୍ରାଇଭ୍ ତାଙ୍କୁ ବହୁତ ଭଲ ଲାଗିଥାଏ ବୋଲି କହିଥିଲେ।

ଶତକ କରିବା ପରେ ରୋହିତ ଶାନ୍ତ

ନୂଆଦିଲ୍ଲୀ,୧୫।୪:: ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷ ମ୍ୟାଚରେ ରୋହିତ ଶର୍ମା ୧୦୫ରନର ଇନିଂସ ଖେଳିଥିଲେ ୧୦୫ରନ୍ କରି ବି ରୋହିତ ତାଙ୍କ ଦଳକୁ ବିଜୟ ଆଡକୁ ନେଇପାରିନଥିଲେ ମଧ୍ୟ ତାଙ୍କ ଇନିଂସ ନିଶ୍ଚିତ ଭାବରେ ପ୍ରଶଂସକଙ୍କୁ ଖୁସିରେ ନାଚିବାର ସୁଯୋଗ ଦେଇଥିଲା। ରୋହିତ ୬୩ବଲରେ ୧୦୫ରନ ସ୍କୋର କରିଥିଲେ। ଯେଉଁଥିରେ ୧୧ଟି ଚେକା ଓ ୫ଟି ଛକା ଥିଲା ।ତେବେ ରୋହିତ ଏତେ ଭଲ ପ୍ରଦର୍ଶନ କରିବା ପରେ ଯେଉଁଭଳି ଭାବେ ପ୍ରତିକ୍ରିୟା ଦେଇଥିଲେ ତାହା ଷ୍ଟାଡିୟମରେ ଉପସ୍ଥିତ ସମସ୍ତ କ୍ରିକେଟପ୍ରେମୀଙ୍କ ମନ କିଣିଥିଲା ଏବଂ ଏବେ ଭିଡିଓ ଭାଇରାଲ ହେବା ପରେ ସୋସିଆଲ ମିଡିଆ ବ୍ୟବହାରକାରୀ ମଧ୍ୟ ଏହାକୁ ପସନ୍ଦ କରୁଥିବା ଦେଖାଯାଇଛି। ଶପଥ ପରେ ସେ କେବଳ ସାଥୀ ଖୋଳାଳିଙ୍କ ସହ ହାତ ମିଳାଇଥିଲେ। ଦଳର ପ୍ରଦର୍ଶନ ଭଲ ନଥିବା ସହ ଦଳ ହାରିବାକୁ ଯାଉଥିବା ଜାଣି ରୋହିତ ନିଜ ଖୁସିକୁ ପାଳନ କରିନଥିଲେ ବୋଲି କୁହାଯାଉଛି।

ମହିଳା ଫୁଟ୍‌ବଲ୍‌ର ଅପୂର୍ବ ଯୋଡ଼ି : କୁଆରମୁଣ୍ଡାର କୁଆଁରୀ ଫୁଟ୍‌ବଲ୍ ତାରକା

ଭୁବନେଶ୍ୱର,୧୫।୪: ଓଡ଼ିଶାର ଦୁଇ ଅନ୍ତର୍ଜାତୀୟ ମହିଳା ଫୁଟ୍‌ବଲ୍‌ର ଝିଅ ପ୍ୟାରୀ ଖାଖା ଓ ଜୁଲି କିଶାନଙ୍କ ଖେଳ ଜୀବନର ଯାତ୍ରା ମଧ୍ୟରେ ରହିଛି ଅନେକ ସଂଯୋଗ। ସାତ ବର୍ଷ ହେବ ପ୍ୟାରୀ ଭାରତୀୟ ମହିଳା ଫୁଟବଲ୍ ଦୁନିଆରେ ଅତି ପରିଚିତ ନାଁଟିଏ, ଜୁଲିଙ୍କ ଅନ୍ତର୍ଜାତୀୟ ଆଗମନ ମାତ୍ର ଗୋଟିଏ ବର୍ଷର ଉଭୟଙ୍କ ମଧ୍ୟରେ କିନ୍ତୁ ରହିଛି ନିବିଡ଼ ବଂଧୁତା। ପ୍ୟାରୀଙ୍କୁ ଅନୁସରଣ କରି ଭାରତୀୟ ଦଳର ସ୍ୱପ୍ନ ଦେଖିଥିଲେ ଜୁଲି। ଏହି ସ୍ୱପ୍ନ ସାକାର ହୋଇଛି। ଉଭୟ ସୁନ୍ଦରଗଡ଼ ଜିଲ୍ଲା ରାଉରକେଲା ଉପକଣ୍ଠର ଦୁଇ ଭିନ୍ନ ଗାଁରୁ ଆସିଛନ୍ତି। ଅନେକ ପ୍ରତିକୂଳ ପରିସ୍ଥିତିକୁ ପରାହତ କରି ଆଗପଛ ହେଲେ ବି କୁଆରମୁଣ୍ଡା ଏକାଦଶ ଯୁବ ସଂଘ ହେଉଛି ଏମାନଙ୍କ ଖେଳ ଜୀବନର ଆଦ୍ୟ ଅନୁଷ୍ଠାନ ଅବା ଅନ୍ତୁଡ଼ିଶାଳ। ଫୁଟ୍‌ବଲ୍ ପଡ଼ିଆରେ ଭିନ୍ନ ପୋଜିସନ୍‌ରେ ଖେଳୁଥିଲେ ମଧ୍ୟ ବାହାରେ ଏମାନେ କେତେବେଳେ ସାଙ୍ଗ ତ କେତେବେଳେ ଦୁଇ ଭଉଣୀ ଭଳି ଏହି ନିବିଡ଼ତାରୁ ଫୁଟ୍‌ବଲ୍ ପାଇଛି ଫାଇଦା। ଇଣ୍ଡିଆନ୍ ୱିମେନ୍ ଲିଗ୍ (ଆଇଡବଲ୍ୟୁଏଲ)ରେ ଓଡ଼ିଶା ଏଫ୍‌ସି ପ୍ରଥମ ଥର ବିଜେତା ହୋଇଥିବାବେଳେ ଏହି ଦୁଇ ଓଡ଼ିଆ ଖେଳାଳିଙ୍କ ଅବଦାନ ଥିଲା ଅତୁଳନୀୟ। ଜୁଲି ଦଳର ଡିଫେନ୍ସକୁ ଦୃଢ଼ କରିଥିବାବେଳେ ପ୍ୟାରୀ ଗୋଲ୍ ପରେ ଗୋଲ୍ ଦେଇ ଦଳକୁ ରଖିଥିଲେ ଆଗରେ। ଉଭୟ କିନ୍ତୁ ଗୋଟିଏ କଥାକୁ ନେଇ ଏବେ ଟିକିଏ ନିରାଶ ଅନ୍ତର୍ଜାତୀୟ ଖେଳାଳିଙ୍କୁ କନଷ୍ଟେବଳ ଚାକିରି ଦିଆଯାଇଥିବାରୁ ଅସନ୍ତୁଷ୍ଟ ହୋଇଛନ୍ତି। ସାର୍ ଟିକେ

କୁହନ୍ତିନି, ବୁଝାନ୍ତିନି ବୋଲି ଏହି ପ୍ରତିନିଧିଙ୍କୁ ଅନୁରୋଧ କରିଥିଲେ। ଉଭୟ ସରକାରଙ୍କ ପାଖରେ ଏହି ସ୍ୱର ପହଞ୍ଚିବ ବୋଲି ମଧ୍ୟ ବିଶ୍ୱାସ ରଖିଛନ୍ତି। ଉଭୟ ନିଜ ସଂଘର୍ଷ ଓ ସ୍ୱପ୍ନର କାହାଣୀ କହିଥିଲେ ।

ମାତ୍ର ୨ ବର୍ଷ ବୟସରେ ଥିବାବେଳେ ପ୍ୟାରୀ ଖାଖା ତାଙ୍କ ପିତାଙ୍କୁ ହରାଇଥିଲେ କିନ୍ତୁ ମା, ବଡ଼ ଭଉଣୀ ହେମା ଓ ଦୁଇ ଭାଇଙ୍କ ସମର୍ଥନ କାରଣରୁ ଅମଡ଼ାବାଟରେ ଚାଲିଥିଲେ ସସ୍ମିତା ମଲ୍ଲିକ, ଆଲେକ୍ସ ମୋର୍ଗାନ, ରୋନାଲ୍ଡୋଙ୍କୁ ଅନୁସରଣ କରି ମୁଁ ଖେଳିଥିଲି ଅଷ୍ଟମ ଓ ନବମ ଶ୍ରେଣୀରୁ ଫୁଟ୍‌ବଲ୍ ଖେଳ ଆରମ୍ଭ କରିଥିଲି ୧୯ ବ୍ରଷରୁ କମ୍ ବର୍ଗରୁ ଭାରତୀୟ ଦଳରୁ ଏବେ ଯାଏ ଖେଳିଆସୁଛି ବୋଲି କହିଥିଲେ ୨୬ ବର୍ଷୀୟ ପ୍ୟାରୀ। ମୋ ଖେଳ ଜୀବନ ଏବେ ଭଲ ଚାଲିଛି। ଓଡ଼ିଶା ଓ ଦେଶ ପାଇଁ ଗୌରବ ଆଣିବା ସହ ୟୁରୋପରେ ଖେଳିବାକୁ ଆଶା ରଖିଛି।ଜାଣିନି କେବେ ଏହି ସ୍ୱପ୍ନ ସାକାର ହେବ ।ଓଡ଼ିଶା ଏଫ୍‌ସିରେ ଥିବା ସକାରାତ୍ମକ ପରିବେଶ ଏବଂ ଓଡ଼ିଶା ସରକାରଙ୍କ ସମର୍ଥନ ସବୁ ଆମକୁ ଆଗକୁ ବଢ଼ିବାକୁ ସୁଯୋଗ ଦେଇଛି ବୋଲି କହିଥିଲେ ଏହି ଅଭିଜ୍ଞ ଫରୱାର୍ଡ।

ରାଉରକେଲାଠାରୁ ପ୍ରାୟ ୨୪ କିଲୋମିଟର ଦୂର ଛୋଟିଆ ଗାଁ ସରଣ୍ଡାପୋଷର ପ୍ରଥମ ଅନ୍ତର୍ଜାତୀୟ ଖେଳାଳି ହେବାର ଗେରବ ପାଇଛନ୍ତି ଜୁଲି କିଶାନ ଏକ ଗରିବ ପରିବାରରୁ ଆସିଥିବା ଏହି ଶାନ୍ତ, ସରଳ, ନୀରିହ ଝିଅ କୁଆରମୁଣ୍ଡା କ୍ଲବ୍‌କୁ ସାଥୀ ଖେଳାଳିଙ୍କ ଯିବାର ଦେଖି ପ୍ରଭାବିତ ହୋଇଥିଲେ।

ଖେଳିବାକୁ ପୋଷାକ, ଜୋତା କିଣିବା ପାଇଁ ଘରେ ପ୍ରସ୍ତାବ ଦେବା ସହଜରେ ଗ୍ରହଣ ହୋଇନଥିଲା। କିନ୍ତୁ ମାଉସୀ ପଦ୍ମାବତି କିଶାନଙ୍କ ଫଟା ଜୋତାକୁ ସଂଗ୍ରହ କରିବା ସହ ମରାମତି କରି ଖେଳିଥିଲେ। କଟକରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ଜାତୀୟ ମହିଳା ଫୁଟ୍‌ବଲ୍ ପ୍ରତିଯୋଗିତାରେ ଖେଳିବା ସହ ଜୁଲିଙ୍କ ଯାତ୍ରା ଆରମ୍ଭ ହୋଇଥିଲା। କଠିନ ପରିଶ୍ରମରେ ଦୃଢ଼ ଆତ୍ମବିଶ୍ୱାସୀ ଜୁଲି ୪/୫ଟି ଜାତୀୟ ବରିଷ୍ଠ ପ୍ରତିଯୋଗିତା ଖେଳିବା ପରେ ଗତବର୍ଷ ସାଫ ପ୍ରତିଯୋଗିତାରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ଭାରତୀୟ ଚୂଡ଼ାନ୍ତ ଏଦାଦଶରେ ନିୟମିତ ସଦସ୍ୟା ହେବା ଓ ବାହାର କ୍ଲବ୍